୧୩

ଦଳ ଏବଂ ନେତୃତ୍ୱ

ଦଳ ବା ବ୍ୟକ୍ତି ସମୂହକୁ ଆଲୋଚନା କରିବାର ଉଦ୍ଦେଶ୍ୟ ହେଉଛି ତୁମକୁ ଅର୍ନ୍ତବୈକ୍ତିକ ପ୍ରସଙ୍ଗ ସହିତ ପରିଚିତ କରିବା ଯେଉଁଥିରେ ବ୍ୟକ୍ତି ପରସ୍ପର ସହିତ ଭାବ ବିନିମୟ କରିଥାଏ। ଆମେ ଦୈନନ୍ଦିନ ସାମାଜିକ ଜୀବନରେ ଆମ୍ଭମାନଙ୍କର ଭୂମିକା ନିର୍ବାହ କଲାବେଳେ ଦଳର ଗୁରୁତ୍ୱ ସବୁବେଳେ ଅନୁଭବ କରିଥାଏ। ଆମେ ଦଳ ଶବ୍ଦଟିକୁ ବିଭିନ୍ନ ପ୍ରସଙ୍ଗରେ ବ୍ୟବହାର କରିଥାଉ, ଯଥା: ଖେଳ, ରାଜନୈତିକ ଦଳ, କାର୍ଯ୍ୟସଂପନ୍ନ ପାଇଁ ଉଦ୍ଦିଷ୍ଟ ଦଳ, ଏକ କାର୍ଯ୍ୟସୂଚୀ ନିର୍ଣ୍ଣୟ କରିବା ପାଇଁ ଗଠିତ ସମିତି ସଦସ୍ୟଗଣ, ଶିକ୍ଷା ମଣ୍ଡଳୀର ସଭ୍ୟସମୂହ କିମ୍ବା ଅନଗ୍ରସର ଗୋଷ୍ଠୀର ସଭ୍ୟସମୂହ। ଆମ୍ଭେମାନେ ଏକ ବ୍ୟକ୍ତି ଭାବରେ ଜନ୍ମ ନେଇଥିବାରୁ ସମାଜୀକରଣ ମାଧ୍ୟମରେ ଆମ୍ଭେମାନେ ବିଭିନ୍ନ ଦଳର ସଦସ୍ୟ ହୋଇଥାଉ। କାର୍ଯ୍ୟ ହାସଲ ପାଇଁ ଆମେ ମଧ୍ୟ ଦଳ ମାନଙ୍କର ସଦସ୍ୟତା ଗ୍ରହଣ କରିଥାଉ। ଏହି ଅଧ୍ୟାୟଟି ତୁମ୍ଭ ମାନଙ୍କୁ ଦଳର କାର୍ଯ୍ୟ ବିଷୟରେ ଜାଣିବା ପାଇଁ ସାହାଯ୍ୟ କରିବ।

ଉଦ୍ଦେଶ୍ୟ

ଉକ୍ତ ପାଠ୍ୟକ୍ରମ ଅଧ୍ୟୟନ କଲାପରେ ତୁମେ ମାନେ ସକ୍ଷମ ହୋଇପାରିବ:

- ଆମ ଜୀବନରେ ଦଳର ଗୁରୁତ୍ୱ ବୁଝିବାରେ;
- ଦଳର ଗୁଣାବଳୀକୁ ଚିହ୍ନଟ କରିବାରେ;
- ସମୂହ ଗତିଶୀଳତା ସାଧିତ ହେବାର ମାର୍ଗକୁ ଜାଣିବାରେ;
- ଆମର କ୍ରିୟାକଳାପ ଉପରେ ଦଳର ପ୍ରଭାବ ବୁଝିବାରେ ଏବଂ
- ଔପଚାରିକ ଓ ଅନୌପଚାରିକ ଦଳ ମଧ୍ୟରେ ପାର୍ଥକ୍ୟ ଜାଣିବା ନିମନ୍ତେ।

୧୩.୧ ଆମ ଜୀବନରେ ଦଳର ଗୁରୁତ୍ୱ

ମନୁଷ୍ୟ ଜୀବନ ଦଳ ବିନା ସମ୍ଭବ କି ? ଦଳର ସଦସ୍ୟ ନ ହୋଇ ଆମେ ଆମର ଆବଶ୍ୟକତା, ପ୍ରତ୍ୟାଶା, ପ୍ରକ୍ଷୋଭ, ଦାବି ଏବଂ ଅଭାବକୁ ପୂରଣ କରିପାରିବା କି ? ନା, ଆମେ ପାରିବାନାହିଁ। କାରଣ, ଦଳ ହେଉଛି ସମାଜର ଏକ ମୁଖ୍ୟ ଅଙ୍ଗ। ଆମେ ଏହି ପୃଥିବୀରେ ଜନ୍ମ ହେବା ସଂଗେ ସଂଗେ ଗୋଟିଏ ଦଳର ଅଂଶ ହୋଇଯାଉ, ଯେପରି ଆମ ପରିବାର। ଯେହେତୁ ବ୍ୟକ୍ତିର ପରିବାର ତାର ଆବଶ୍ୟକତାକୁ ପୂରଣ କରେ ଏବଂ ସାମାଜିକ ଜଗତରେ ବଞ୍ଚିବା ପାଇଁ ସାହାଯ୍ୟ କରେ ତେଣୁ ଦଳର ସଦସ୍ୟ ହେବା ଜରୁରୀ। ପ୍ରତ୍ୟେକଦଳର ପରିବେଷ୍ଟନୀ ପ୍ରତି ଏକ ସାଧାରଣ ଦୃଷ୍ଟିଭଙ୍ଗୀ ରହିଛି। ଶିଶୁଟି ବଡ ହେବା ସହିତ ଗୋଟିଏ ଦଳର ସଫଳ ସଭ୍ୟ

ହେବାପାଇଁ ତା' ଠାରୁ କ'ଣ ଆଶା କରାଯାଉଛି ସେ ଜାଣିପାରେ। ସଂଗେ ସଂଗେ ଶିଶୁଟି "ସ୍ୱ'ର ସତ୍ତାକୁ ଜାଣେ ଏବଂ ଏକ ବ୍ୟକ୍ତିତ୍ୱରେ ବିକଶିତ ହୁଏ। ପରିବାର ପରି ଦଳ ଗୁଡିକ ସାମାଜୀକରଣ ପ୍ରକ୍ରିୟା ଦ୍ୱାରା ତାଙ୍କର ସଂସ୍କୃତିକୁ ସଂଚରିତ କରନ୍ତି। ଚିନ୍ତନ ଓ ବ୍ୟବହାର ବିଷୟରେ ମଧ୍ୟ ଦଳ ଆମକୁ ଶିକ୍ଷା ଦିଏ। ଜଣେ ଯଦି ଗୋଟିଏ ଖେଳ କ୍ରିକେଟ୍ ବା ଫୁଟବଲ ଦଳର ସଦସ୍ୟ, ତେବେ ପ୍ରତ୍ୟେକ ସଭ୍ୟ ଦଳର ନିୟମ ମାନି ନିଶ୍ଚିତ ମାନିବେ, ଏହା ଆମେ ଜାଣୁ।

ବାଲ୍ୟାବସ୍ଥାରେ ପରିବାର ଆମକୁ ସହାୟତା ପ୍ରଦାନ କରିଥାଏ ଏବଂ ପରେ ଯେତେବେଳେ ଆମେ ସ୍କୁଲ ଯାଉ, କଲେଜ ଯାଉ ବିଭିନ୍ନ ସାମାଜିକ, ଶିକ୍ଷାଗତ ଏବଂ ବୃତ୍ତିଗତ ଦଳ ର ସହଯୋଗ ପାଉ। ଆମେ ବିଭିନ୍ନ ଦଳର ସଭ୍ୟ ହୋଇପାରିବା ଯଥା: - ରାଜନୈତିକ, ଧାର୍ମିକ, ଜାତିଗତ, କ୍ରୀଡ଼ା, ସଂଗୀତ ଏବଂ ସାଂସ୍କୃତିକ ଯାହା ଆମକୁ ଆମର ଆବଶ୍ୟକତା ଏବଂ ଲକ୍ଷ୍ୟ ହାସଲ କରିବା ପାଇଁ ଅନୁମତି ଦେଇଥାଏ। ଏହି ଦଳ ଗୁଡିକ ଆମର ଜୀବନକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ସୁଖଦାୟକ କରିବାରେ ସାହାଯ୍ୟ କରେ। ଆମେ ଏକାହୋଇ ବଞ୍ଚିପାରିବାନି, କି ବଢ଼ି ପାରିବାନି। ପ୍ରତ୍ୟେକ ମୂହୁର୍ତ୍ତ ଆମକୁ କହିବ ଯେ, ଆମର ସାମାଜିକ ଏବଂ ଆବେଗାତ୍ମକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଦଳଗତ ଜୀବନ ଆମକୁ ଅନୁମତି ଦେଉଛି। ସ୍ୱୀକୃତି, ସ୍ନେହ, ସୁରକ୍ଷା, ସମ୍ମାନ, ପରିଚୟ, ଅଧିକାର ଏବଂ ମର୍ଯ୍ୟାଦା ଏହି ଆବଶ୍ୟକତାର ଅନ୍ତର୍ଭୁକ୍ତ। ଆମର କାର୍ଯ୍ୟ ସମ୍ବନ୍ଧୀୟ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ଦଳ ଆମକୁ ଅନୁମତି ଦେଇଥାଏ, ଯଥା ଲକ୍ଷ୍ୟ ହାସଲ କରିବା। ବାସ୍ତବିକ, ଦଳ ମନୁଷ୍ୟ ଜୀବନର କେନ୍ଦ୍ର।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୩.୧

୧. ଲୋକେ କାହିଁକି ଦଳରେ ଯୋଗ ଦିଅନ୍ତି ? ତୁମେ ସଭ୍ୟ ହୋଇଥିବା ଦଳ ଗୁଡିକର ଏକ ତାଲିକା ପ୍ରସ୍ତୁତ କର।

୧୩.୨ ଦଳର ଗୁଣାବଳୀ

ଦଳ ହେଉଛି କେତେକ ବ୍ୟକ୍ତି ବିଶେଷଙ୍କ ସମାହାର ଯେଉଁମାନେକି ଜଣେ ନେତାଙ୍କ ନିର୍ଦ୍ଦେଶରେ ଏକତ୍ର ହୋଇ ଏକ ସାଧାରଣ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ ନିମିତ୍ତ କାର୍ଯ୍ୟ କରିଥାଆନ୍ତି। ଦଳ ମାନଙ୍କ ମଧ୍ୟରେ ଭିନ୍ନତା ଥିଲେ ମଧ୍ୟ ସେମାନଙ୍କର କେତେକ ସାଧାରଣ ଗୁଣାବଳୀ ଏବଂ ସାମାଜିକ ଗଠନ ପ୍ରଣାଳୀ ଥାଏ, ଯେପରିକି ଧାର୍ମିକ ଗୋଷ୍ଠୀ, ଜାତି ସମୂହ, ବ୍ୟବସାୟୀ ସଂଘ, ଖେଳାଳୀ ସମୂହ ଇତ୍ୟାଦି। ଦଳର ଲକ୍ଷଣ ଗୁଡିକ ନିମ୍ନରେ ପ୍ରଦାନକରାଯାଇଛି:

- ସଦସ୍ୟମାନେ ନିଜକୁ ଦଳର ସଭ୍ୟ ଭାବେ ପରିଚିତ କରିଥାଆନ୍ତି ଏବଂ ସେମାନଙ୍କର ମଧ୍ୟରେ ଦୃଢ଼ "ଆମୈକ ଭାବନା" ଥାଏ। ଏହା ଏକ ମନସ୍ତାତ୍ତ୍ୱିକ ଆବେଗ ଯେଉଁଥିରେ ପ୍ରତ୍ୟେକ ସଭ୍ୟଙ୍କର ପରସ୍ପର ମଧ୍ୟରେ ନିବିଡ ଓ ଘନିଷ୍ଠ ସଂପର୍କ ରହିଥାଏ। ତୁମର ଗୋଟିଏ ସାଙ୍ଗ ଦଳ ଅଛି କି, ଯାହାକୁ ତୁମେ ଭଲ ପାଅ ? ତୁମେ ପରସ୍ପରକୁ ଅନ୍ତରଂଗ ବୋଲି ଭାବ ନାହିଁ କି ? ହଁ, ସମ୍ଭବତଃ ତୁମେ ପରସ୍ପରକୁ ଦୈନନ୍ଦିନ ଜୀବନରେ ସହାୟତା କରୁଥିବ।
- ସଦସ୍ୟମାନେ ସର୍ବଦା ଭାବ ବିନିମୟରେ ଲିପ୍ତ ଥାଆନ୍ତି। ସେମାନେ ପରସ୍ପରର ବ୍ୟବହାରକୁ ପ୍ରଭାବିତ କରିଥାଆନ୍ତି। ତୁମେ ତୁମ ସାଙ୍ଗମାନଙ୍କୁ ବାରମ୍ବାର ସାକ୍ଷାତକର କି ? ତୁମକୁ ଦଳ ଲକ୍ଷ୍ୟ ହାସଲ ଦିଗରେ କିପରି ଆଗେଇ ଚାଲିଛି ତାହା ଜାଣିବାରେ ତୁମକୁ ସାହାଯ୍ୟ କରିଥାଏ।
- ଦଳର ସଦସ୍ୟମାନେ ସାଧାରଣ ନିୟମ, ସମାନ ଆଦର୍ଶ ଏବଂ ପାରସ୍ପରିକ ସ୍ୱାର୍ଥ ହାସଲରେ ଅଂଶୀଦାର ହୁଅନ୍ତି। ସେମାନେ ପରସ୍ପର ଉପରେ ନିର୍ଭର କରନ୍ତି ଏବଂ ସେମାନଙ୍କର ଆବଶ୍ୟକତାକୁ ପୂର୍ଣ୍ଣ କରିବା ଓ

ଦଳକୁ ବଞ୍ଚାଇ ରଖିବା ପାଇଁ ପରସ୍ପରକୁ ବିଶ୍ୱାସ କରନ୍ତି।

- ଦଳର ନୀତି ଓ ନିୟମ ମାନଙ୍କୁ ଅନୁସରଣ କରିବା ପାଇଁ ସଭ୍ୟମାନେ ସଚେତନ ଥାଆନ୍ତି। କାରଣ ଏହା ଶାନ୍ତି ଓ ଶୃଙ୍ଖଳାକୁ ବଜାୟ ରଖିବାରେ ସାହାଯ୍ୟ କରେ। ଯେପରିକି, ତୁମ ବଡ ଭାଇ ପରୀକ୍ଷା ପାଇଁ ପଢ଼ିବା ବେଳେ ତୁମ ମାଆ ତୁମକୁ ଆସ୍ତେ କଥା କହିବାକୁ କୁହନ୍ତି, କିମ୍ବା, ରାତ୍ରିଭୋଜନ ପରେ ତୁମେ ତୁମ ମାଆଙ୍କୁ ବାସନ ସଫା କରିବାରେ ସାହାଯ୍ୟ କରିଥାଅ।
- ଦଳର ଆକାର ଭିନ୍ନ ଭିନ୍ନ, ସେମାନେ ବଡ଼ କିମ୍ବା ସାନ ହୋଇପାରନ୍ତି। ଗୋଟିଏ ପରିବାରରେ ଚାରିଜଣ ସଦସ୍ୟ ଥାଆନ୍ତି କିମ୍ବା ଏକ ପାରମ୍ପରିକ ଯୌଥ ପରିବାରରେ ୫୦ରୁ ଅଧିକ ସଦସ୍ୟ ଥାଇପାରନ୍ତି। ଗୋଟିଏ ରାଜନୈତିକ ଦଳରେ ଶହେ କିମ୍ବା ହଜାର ହଜାର ସଭ୍ୟ ଥାଇପାରନ୍ତି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ - ୧୩.୨

୧. ନିମ୍ନଲିଖିତ ଉକ୍ତି ଗୁଡିକ ଦଳର ଉଦାହରଣ କି ନୁହେଁ ଦର୍ଶାଅ:

କ. ରାସ୍ତା ଅତିକ୍ରମ କରୁଥିବା ବ୍ୟକ୍ତି ମାନେ

ଖ. ଧର୍ମାନୁଷ୍ଠାନରେ ଠୁଳହେବା

ଗ. ବସ୍ ରହିବା ଯାଗାରେ ଠିଆ ହୋଇଥିବା ବ୍ୟକ୍ତି ମାନେ

ଘ. ଜନ୍ମ ଦିନ ଭୋଜିରେ ଏକତ୍ରିତ ହେବା

ଙ. ରାଜନୈତିକ ସଂଘ

୨. ଦଳର ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଗୁଡିକ ବର୍ଣ୍ଣନା କର।

୧୩.୩ ସମୂହ / ଦଳଗତ ଗତିଶୀଳତା

ଦଳର ଜଣେ ସଦସ୍ୟଙ୍କ ଆଚରଣ ଅନ୍ୟ ସଦସ୍ୟ ମାନଙ୍କର ଆଚରଣକୁ ପ୍ରଭାବିତ କରେ। ଏହିପରି ପରସ୍ପରର ଆଚରଣକୁ ପ୍ରଭାବିତ କରିବା ପ୍ରକ୍ରିୟାକୁ ଦଳର ଗତିଶୀଳତା କୁହାଯାଏ। ଦଳଗତ ଗତିଶୀଳତା ବ୍ୟକ୍ତିର ବ୍ୟକ୍ତିତ୍ୱ, ସାମାଜିକ ପରିସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥାଏ। ବିଭିନ୍ନ ଦଳରେ ଦଳଗତ ଗତିଶୀଳତା ଭିନ୍ନ ହୋଇଥାଏ।

ସଂହତି

ସଂହତି କହିଲେ ସମ ପରିପ୍ରେକ୍ଷୀକୁ ବୁଝାଏ ଯାହାକି ଦଳର ସଦସ୍ୟମାନଙ୍କୁ ଏକତା ସୂତ୍ରରେ ବାନ୍ଧିରଖେ। ଲୋକମାନେ ପ୍ରବୃତ୍ତି ଗତ ଭାବେ ବାହ୍ୟଶକ୍ତିର ଭୟର ମୁକାବିଲା କରିବା ପାଇଁ ଏକତ୍ର ହୋଇ ସଂଘର୍ଷ କରିଥାନ୍ତି। ଯୁଦ୍ଧ ସମୟରେ ଏହି ସଂହତି ପୂର୍ଣ୍ଣ ଭାବନା ବଢ଼ିଚାଲେ, କାରଣ ଦଳ ଏକ ସାଧାରଣ ଭୟକୁ ପ୍ରତ୍ୟକ୍ଷଣ କରିଥାଏ। ଉଦାହରଣ ସ୍ୱରୂପ, ଯେତେବେଳେ ସନ୍ତ୍ରାସବାଦୀ ମାନେ ନଭେମ୍ବର ୨୬, ୨୦୦୮ରେ ମୁମ୍ବାଇର 'ତାଜ' ହୋଟେଲକୁ ଆକ୍ରମଣ କଲେ ମୁମ୍ବାଇ ବାସିନ୍ଦା ଜାତି, ଭାଷା ଓ ସଂପ୍ରଦାୟଗତ ବିଭିନ୍ନତା ଭୁଲିଯାଇ ଏକାଠି ହୋଇଥିଲେ।

ସଙ୍ଗତି:

ଗୋଷ୍ଠୀ ପ୍ରକ୍ରିୟାକୁ ବର୍ଣ୍ଣନା କରିବା ପାଇଁ 'ସଙ୍ଗତି'କୁ ବୁଝିବା ଜରୁରୀ। ଅନ୍ୟମାନଙ୍କର ବ୍ୟବହାର ଆମର ବିଶ୍ୱାସକୁ ପରିବର୍ତ୍ତନ କରି ଆମ ବ୍ୟବହାରକୁ ପ୍ରଭାବିତ କଲେ ତାହାକୁ ସଙ୍ଗତି କୁହାଯାଏ। ଏହା ଦୁଇ ପ୍ରକାରର ହୋଇପାରେ। କେତେକ ସମୟରେ ବିଶ୍ୱାସ ନ କରି ମଧ୍ୟ ଆମେ ଅନ୍ୟମାନଙ୍କର ଅନୁବର୍ତ୍ତୀ ହୋଇଥାଉ।

ଏହି ପ୍ରକାରର ବାହ୍ୟିକ ସଙ୍ଗତିକୁ ପ୍ରତିପାଳନ କୁହାଯାଏ। ଯଦି କୌଣସି ବାହ୍ୟ ଆଦେଶକୁ ପାଳନକରାଯାଏ କିମ୍ୱା ଏକ ନିର୍ଦ୍ଦେଶ ଅନୁଯାୟୀ କିଛି କାର୍ଯ୍ୟ କରାଯାଏ ଏହାକୁ ଆଜ୍ଞାନୁବର୍ତ୍ତିତା କୁହାଯାଏ। ପ୍ରକୃତ ଅନ୍ତରୀଣ ସଙ୍ଗତିରେ ଆମେ ସତରେ ବିଶ୍ୱାସ କରିଥାଉ ଏବଂ ଏହାକୁ ପରିଗ୍ରହଣ ବା ସ୍ୱୀକୃତି କୁହାଯାଏ। ଉଦାହରଣ ସ୍ୱରୂପ, ଯେତେବେଳେ ପ୍ରସ୍ତାବ ଦିଆଯାଏ ପ୍ରାତଃଭ୍ରମଣ ସ୍ୱାସ୍ଥ୍ୟ ପାଇଁ ଦରକାରୀ, ଆମେ ତାହା ପାଳନ କରୁ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ - ୧୩.୩

୧. ସମୂହ ଗତିଶୀଳତା ପ୍ରକ୍ରିୟା କ'ଣ ?

୨. ସଂହତି ଏବଂ ସଙ୍ଗତିକୁ ଉଦାହରଣ ସାହାଯ୍ୟରେ ବର୍ଣ୍ଣନା କର।

୧୩.୪ "ଆମେ" ଏବଂ "ସେମାନେ" ମଧ୍ୟରେ ପାର୍ଥକ୍ୟ

ସାମାଜିକ ଜଗତରେ ତୁମେ ତୁମର ସାଙ୍ଗମାନଙ୍କୁ ଅନ୍ୟ କିଛି ସାଙ୍ଗ ମାନଙ୍କ ତୁଳନାରେ ଅଧିକ ଭଲ ପାଅ ନାହିଁ କି ? ଏବଂ, ଯଦି ତୁମେ ଜଣେ କ୍ରୀଡା ପ୍ରେମୀ ତେବେ ଘରୋଇ ଦଳ ନିମନ୍ତେ ଖୁସି ହୁଅ ନା ଅନ୍ୟ ଦଳ ପାଇଁ ଖୁସି ହୁଅ ? ହଁ, ଆମର ଆମ ଦଳପ୍ରତି ଅଧିକ ସକାରୀ ମନୋବୃତ୍ତି ଥାଏ। ସମାନ ପରିଚୟକୁ ଭିତ୍ତିକରି ଦଳ ଗଠନ କରିବା ହେଉଛି ଏକ ମାନବୀୟ ପ୍ରବୃତ୍ତି। ଆମେ ଆମ ଦଳର ପରିଚୟକୁ ବ୍ୟବହାର କରୁ, ଏହାକୁ ଅନ୍ତଃ ସମୂହ କୁହାଯାଏ। ଅନ୍ୟ ବ୍ୟକ୍ତିମାନଙ୍କର ଆମେ ମୂଲ୍ୟାୟନ କରିଥାଏ ସେମାନଙ୍କୁ ବହିଃସମୂହ ବୋଲି କୁହାଯାଏ।

ଅନ୍ତର୍ଦଳ ଅପେକ୍ଷା ବର୍ହିଦଳ ଗୁଡିକୁ ପରସ୍ପର ସମାନ ବୋଲି ମୂଲ୍ୟାୟନ କରିବା ଆମର ପ୍ରବୃତ୍ତି। ଉଦାହରଣ ସ୍ୱରୂପ, ଲୋକ କୁହନ୍ତି "ସେମାନେ ସବୁ ସମାନ"। 'ଆମେ' ଏବଂ 'ସେମାନେ' ମଧ୍ୟରେ ଥିବା ପାର୍ଥକ୍ୟକୁ ସମ୍ଭବତଃ ଆମେ ଅତିରଂଜିତ କରୁ। ଆମେ ତେଣୁ ସାଧାରଣତଃ କହୁ, 'ସେମାନେ ଆମ ଠାରୁ ବହୁତ ଭିନ୍ନ"। ଏହି ପ୍ରକାରର ସାମାଜିକ ବିଭକ୍ତିକରଣ କ୍ରମେ ରୂଢ଼ ଧାରଣା, ପୂର୍ବାଗ୍ରହ ଏବଂ ବିଭେଦୀକରଣ ସହିତ ସମ୍ପର୍କିତ ହୋଇଯାଏ। ଯେତେବେଳେ ଆମେ ନକାରୀ ମନୋବୃତ୍ତିକୁ ଅନ୍ୟ ଗୋଷ୍ଠୀ ସହିତ ସଂଯୁକ୍ତ କରୁ ଏବଂ 'ଆମେ' ଓ 'ସେମାନେ' ମଧ୍ୟରେ ପାର୍ଥକ୍ୟ ଦର୍ଶାଉ, ଆମେ ଏକ ପ୍ରାଚୀର ସୃଷ୍ଟି କରୁ ଯାହା ଦଳ ମାନଙ୍କୁ ଅଲଗା କରିଦିଏ। ଏହି ବିଭାଗୀକରଣ 'ସେମାନେ' ଗୋଷ୍ଠୀକୁ ନିମ୍ନ ଶ୍ରେଣୀର ମନୁଷ୍ୟ କରିଦିଏ। ଯେଉଁମାନଙ୍କ ପ୍ରତି ପୂର୍ବାଗ୍ରହ ଥାଏ ସେମାନଙ୍କ ପ୍ରତି ହିଂସା ଏବଂ ଅସଦ୍ ବ୍ୟବହାର ପ୍ରାୟତଃ ଦେଖାଯାଏ।

ସମ୍ଭବତଃ ଏକା ଲକ୍ଷଣ ଅନୁସାରେ ଆମେ ଲୋକମାନଙ୍କୁ ବିଭକ୍ତିକରଣ କରୁ। ଆମେ ସ୍ୱତଃ ପ୍ରବୃତ୍ତ ଭାବେ ବ୍ୟକ୍ତିମାନଙ୍କୁ ସେମାନଙ୍କର ଲିଙ୍ଗ, ବୟସ ଏବଂ ଧର୍ମ ଅନୁସାରେ ବିଭକ୍ତିକରଣ କରିଥାଉ। କାହିଁକି ଆମେ ବ୍ୟକ୍ତିମାନଙ୍କୁ 'ଆମେ' ଓ 'ସେମାନେ' ଭାବରେ ବିଭକ୍ତି କରଣ କରୁ ? କାରଣ ଏହା ଲୋକଙ୍କ ସହିତ ସଂପର୍କ ରଖିବାର ଏକ ଶୀଘ୍ର ଓ ସରଳ ଉପାୟ। ବିଭକ୍ତିକରଣର ଉପଯୋଗିତା ମଧ୍ୟ ରହିଛି। ଜଣ ଜଣ କରି ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ମାନସିକ ସ୍ତରରେ ମୂଲ୍ୟାୟନ କରିବା ଦ୍ୱାରା ପ୍ରତିକ୍ଷକ ବ୍ୟକ୍ତିର କାର୍ଯ୍ୟଭାର ବଢ଼ିଯାଏ। ଅବଶ୍ୟ ଯଦି ପାଖରେ ପ୍ରଚୁର ସମୟ ଏବଂ ତଥ୍ୟ ରହିଛି ତେବେ ଆମେ ଜଣେ ବ୍ୟକ୍ତି କିମ୍ୱା ଗୋଷ୍ଠିର ସଠିକ୍ ପ୍ରତ୍ୟକ୍ଷଣ କରିପାରିବା।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ - ୧୩.୪

କ. 'ଆମେ' ଏବଂ 'ସେମାନେ' ମଧ୍ୟରେ ଥିବା ମୁଖ୍ୟ ପାର୍ଥକ୍ୟ ଗୁଡ଼ିକୁ ବର୍ଣ୍ଣନାକର।

କାର୍ଯ୍ୟ ସାଧନ ଉପରେ ଦଳର ପ୍ରଭାବ

କାର୍ଯ୍ୟ ସାଧନ ଉପରେ ଦଳର ପ୍ରଭାବ ସକରାତ୍ମକ କିମ୍ବା ନକରାତ୍ମକ ହୋଇପାରେ। କିଛି ଗୁରୁତ୍ୱପୂର୍ଣ୍ଣ ଧାରଣା ରହିଛି ଯାହାକି ଦଳର ପ୍ରଭାବକୁ ବୁଝିବାରେ ସହାୟକ ହୋଇଥାଏ।

ସାମାଜିକ ପରିବର୍ଦ୍ଧନ

ଆମେ ଅନ୍ୟ ଜଣେ ବ୍ୟକ୍ତିର ସାମାନ୍ୟ ଉପସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଉ। ସାମାନ୍ୟ ଉପସ୍ଥିତି କହିଲେ ବୁଝାଏ ଯେ, ଲୋକମାନେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା କରୁନାହାନ୍ତି ସେମାନେ ନିଷ୍କ୍ରିୟ ଦର୍ଶକ ବା ସହ ଅଭିନେତା ରୂପେ ଉପସ୍ଥିତ ଅଛନ୍ତି। ଖାଇବା ଓ ଖେଳିବା ପରି ଆମର ସାଧାରଣ କାର୍ଯ୍ୟକଳାପ ଗୁଡିକ ଅନ୍ୟ ମାନଙ୍କର ସାମାନ୍ୟ ଉପସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ କି ? ଏହି ପ୍ରକାରର ବ୍ୟବହାରିକ ପାର୍ଥକ୍ୟ ଆମେ ଆମ ଦୈନନ୍ଦିନ ଜୀବନରେ ଦେଖିଥାଉ। ଏହା ଦେଖାଯାଏ ଯେ, ଜଣେ ସାଇକେଲ ଚାଳକ କିମ୍ବା ମନ୍ଥର ଗତିରେ ଚାଲୁଥିବା ବ୍ୟକ୍ତି ଏକାକୀ ଯେଉଁ ବେଗରେ ଚାଳନା ବା ଗତି କରିଥାନ୍ତି ସେମାନେ ଏକାଠି ହୋଇ ଗତି କରୁଥିଲେ ସେମାନଙ୍କର ବେଗ ଅନେକ ଗୁଣରେ ଅଧିକ ହୋଇଥାଏ।ଅବଶ୍ୟ ଏହା ଆମକୁ ଏକ ଭୂଲ ସିଦ୍ଧାନ୍ତରେ ଉପନିତ ହେବାକୁ ବାଟ କଢ଼ାଇ ନିଏ।

ସାମାଜିକ ଆଳସ୍ୟ ପରାୟଣତା

ଗୋଟିଏ ସାମୁହିକ ଲକ୍ଷ୍ୟ ସାଧନ ପାଇଁ ଦଳଭିତରେ ଥିବା ସଦସ୍ୟମାନଙ୍କର ସ୍ୱଳ୍ପ ଉଦ୍ୟମ କରିବା ପ୍ରବୃତ୍ତିକୁ ସାମାଜିକ ଆଳସ୍ୟକରାୟଣତା କୁହାଯାଏ। ଏହା ମଧ୍ୟ ଦେଖାଯାଏ ଯେ, ସାମାଜିକ ଜାଗୃତି କାର୍ଯ୍ୟ ଦକ୍ଷତାକୁ ସହଜକରେ। ଏକ ସାଧାରଣ ଧାରଣା ହେଉଛି 'ଏକତା ହିଁ ବଳ' କିନ୍ତୁ ଯେତେବେଳେ ସଦସ୍ୟମାନେ ସେମାନଙ୍କର କାର୍ଯ୍ୟ ନିମନ୍ତେ ବ୍ୟକ୍ତିଗତ ଭାବେ ଉତ୍ତରଦାୟୀ, ପ୍ରକୃତରେ ଦଳର ସଦସ୍ୟମାନେ ବିଶେଷଭାବେ ଅଭିପ୍ରେରିତ ହୋଇନଥାନ୍ତି। କାରଣ ହୁଏତ ପୁରସ୍କାରର ସମବଣ୍ଟନ ହେଉଛିଏବଂ କାର୍ଯ୍ୟଟି ଆହ୍ୱାନପୂର୍ଣ୍ଣ ଆକର୍ଷଣୀୟ ବା ମନକୁ ବାନ୍ଧିରଖିବାପରି ନୁହେଁ। ଅନ୍ୟପକ୍ଷରେ, ଯେତେବେଳେ କାର୍ଯ୍ୟଟି ଆକର୍ଷଣୀୟ ହୋଇଥାଏ ଏବଂ ସଦସ୍ୟମାନେ ଦଳକୁ ନେଇ ନିଜର ପରିଚୟ ଦିଅନ୍ତି ଦଳଭିତରେ ଥିବା ସଦସ୍ୟମାନେ ଅଳ୍ପ ମାତ୍ରାରେ ଆଳସ୍ୟତା ଦେଖାଇଥାନ୍ତି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ - ୧୩.୫

୧. ସାମାଜିକ ପରିବର୍ଦ୍ଧନ କହିଲେ କ'ଣ ବୁଝ ?

---

୨. "ସାମାଜିକ ଆଳସ୍ୟପରାୟଣତା କ'ଣ ବର୍ଣ୍ଣନା କର ?

ସାମାଜିକ ପରବର୍ଦ୍ଧନ ଏକ ପ୍ରକ୍ରିୟା ଯାହାଦ୍ୱାରା ଦଳରେ ସଦସ୍ୟମାନେ ଜାଗ୍ରତ ହୁଅନ୍ତି ଏବଂ ଭଲ କାର୍ଯ୍ୟ କରିବା ପାଇଁ ଆଗେଇ ଯାଆନ୍ତି। ସାମାଜିକ ନିଷ୍କ୍ରିୟତା କହିଲେ ଦାୟିତ୍ୱ ବିସ୍ତାରକୁ ବୁଝାଏ। ଏହାର ଅର୍ଥ ହେଉଛି ଦଳର ସଦସ୍ୟମାନେ ଗୋଟିଏ ଲକ୍ଷ୍ୟ ବା କାର୍ଯ୍ୟ ହାସଲ ପାଇଁ ଆବଶ୍ୟକୀୟ ପରିମାଣର ପ୍ରୟାସ କରନ୍ତି ନାହିଁ। ତୁମେ କେବେ 'ଦଉଡ଼ି ଟଣା' ଖେଳ ଖେଳିଛ କି ? ତୁମେ ଲକ୍ଷ୍ୟ କରିବ ଯେ ସାମନାରେ ଥିବା ଲୋକମାନେ

ଟିପ୍ପଣୀ

ସମସ୍ତପ୍ରକାର ପ୍ରଚେଷ୍ଟା ଚଳାଇ ଦଉଡ଼ିକୁ ଟାଣୁଥାଆନ୍ତି, ଯେତେବେଳେ କି ପଛରେ ଥିବା ଲୋକମାନେ କେବଳ ଦଉଡିଟିକୁ ଧରିଥାନ୍ତି। ଯେଉଁଠାରେ ବ୍ୟକ୍ତିଗତ ପ୍ରଚେଷ୍ଟାକୁ ମୂଲ୍ୟାୟନ କିମ୍ବା ପୁରସ୍କୃତ କରାଯାଏ ନାହିଁ, ସେଠାରେ ସାମାଜିକ ଆଳସ୍ୟ ପରାୟଣତା ସାଧାରଣତଃ ପରିଦୃଷ୍ଟ ହୁଏ।

ଦଳର ଆକାର

ଦଳର ଆକାର ବଢ଼ିବା ସହିତ ସଦସ୍ୟମାନେ ନିଜର ସଚେତନତା ହରାଇଥାନ୍ତି ଏବଂ ଉତ୍ତେଜନାର ବଶବର୍ତ୍ତୀ ହୋଇ ସଦସ୍ୟମାନେ ଲୁଣ୍ଠନ, ଜଳାପୋଡା ଏବଂ ଅପହରଣ କରିବା ଆଦି ଅମାନୁଷିକ କାର୍ଯ୍ୟ ଦଳବଦ୍ଧ ଭାବେ କରିବାର ସମ୍ଭାବନା ଥାଏ । ଏକ ବିକ୍ଷୁବ୍ଧ ଦଳ ଏହାର ସଦସ୍ୟ ମାନଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଏ କରାଏ ଯେ ସେମାନେ ଦୋଷି ସାବ୍ୟସ୍ତ ହେବେନାହିଁ, ସେମାନେ ତାଙ୍କର କାର୍ଯ୍ୟକୁ ଦଳର କାର୍ଯ୍ୟ ବୋଲି ପ୍ରତ୍ୟକ୍ଷଣ କରନ୍ତି।

ଦଳୀୟ ଧୃବୀକରଣ

ଯେତେବେଳେ ଏକ ନିଷ୍ପତ୍ତି ନେବାକୁ ପଡେ ଦଳର ସଦସ୍ୟମାନେ ଏକାଠି ହୁଅନ୍ତି। ଲକ୍ଷ୍ୟ କରାଯାଏ ଯେ, ଆଲୋଚନା ଚାଲିବା ସମୟରେ ଦଳର ନିଷ୍ପତ୍ତିକୁ ଅତ୍ୟଧିକ ଚରମ ଓ ବିପଦସଂକୁଳ ଅବସ୍ଥାକୁ ପରିବର୍ତ୍ତନ ହେବାର ଏକ ଦୃଢ଼ ସମ୍ଭାବନା ଥାଏ। ଗୋଟିଏ ବିଷୟକୁ ନେଇ ଜଣେ ବ୍ୟକ୍ତିଙ୍କର ଯେଉଁ ଧାରଣା ବା ମତଥାଏ, ସମୂହ ଆଲୋଚନା ସମୟରେ ସେହି ମତାମତକୁ ସମର୍ଥନ କରୁଥିବା ତଥ୍ୟ ସେହି ଧାରଣା ଓ ମତାମତକୁ ବୈଧୀକରଣ କରିବାରେ ସାହାଯ୍ୟ କରେ। ଫଳରେ ଦଳମଧ୍ୟରେ ନିଷ୍ପତ୍ତିଟି ବିପଦ ନଥିବା ବା ଅଳ୍ପ ବିପଦ ଥିବା ଅବସ୍ଥିତି ଠାରୁ ଗୋଟିଏ ଚରମ ଅବସ୍ଥିତିରେ ପହଞ୍ଚାଇବାର ପରିବର୍ତ୍ତନ କୁ ଦଳୀୟ ଧୃବୀକରଣ କୁହାଯାଏ। ଏହା ଘଟିବାର କାରଣ ହେଉଛି ଦଳର ସଦସ୍ୟମାନେ ହୁଏତ ନୂତନ ସୂଚନା ପାଇ ବା ସହିତ ଅଧିକ ପ୍ରରୋଚନାତ୍ମକ ଯୁକ୍ତି ପାଇଥାନ୍ତି।

ସମୂହ ଚିନ୍ତନ

ସମୂହ ପ୍ରରୋଚିତ ବିକୃତି ଯାହା ଆମକୁ ସମସ୍ତ ସମ୍ଭାବ୍ୟ ବିକଳ୍ପର ବସ୍ତୁନିଷ୍ଠ ବିଚାର କରିବା ପାଇଁ ଅନୁମତି ଦିଏ ନାହିଁ ତାହାକୁ ସମୂହ ଚିନ୍ତନ କୁହାଯାଏ। ଏହା ସ୍ଥାନ ପାଏ ଯେତେବେଳେ ଏକ ସଂହତି ପୂର୍ଣ୍ଣଦଳ ଭିନ୍ନ ଭିନ୍ନ ମତଠାରୁ ବିଚ୍ଛିନ୍ନ ହୋଇଯାଏ। ଜଣେ ପ୍ରତ୍ୟକ୍ଷ ନେତା ଯେଉଁ ନିଷ୍ପତ୍ତିକୁ ସମର୍ଥନ ଜଣାନ୍ତି ତାହାର ମଧ୍ୟ ଅବଦାନ ଏହି କ୍ଷେତ୍ରରେ ଥାଏ। ଅଭେଦ୍ୟତାର ଭ୍ରମ, ଦଳର ନୈତିକତାରେ ଦୃଢ଼ ବିଶ୍ୱାସ, ଯୁକ୍ତିସଂଗତି କରଣ ଏବଂ ଅନୁବର୍ତ୍ତୀଚାପ ଯୋଗୁ ସମୂହ ଚିନ୍ତନ ସଙ୍ଘଟିତ ହୋଇଥାଏ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୩.୬

୧. ଦଳ କାର୍ଯ୍ୟକୁ ପ୍ରଭାବିତ କରୁଥିବା ଉତ୍ପାଦକ ଗୁଡିକୁ ବର୍ଣ୍ଣନା କର।

____

୨. ଦଳ ଆକର୍ଷଣର ଖରାପ ପ୍ରଭାବଗୁଡ଼ିକୁ ବର୍ଣ୍ଣନା କର।

____

ଟିପ୍ପଣୀ

୧୩.୫ ଔପଚାରିକ ଓ ଅନୌପଚାରିକ ଦଳ

ଦଳ ବିବିଧ ପ୍ରକାରର ହୋଇଥାଏ ।ଦଳର ଏକ ମୁଖ୍ୟ ବର୍ଗୀକରଣ ହେଲା ଔପଚାରିକ ଓ ଅନୌପଚାରିକ ଦଳ। ଯେଉଁ ଦଳ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଗଠିତ ହୋଇଥାଏ ତାହାକୁ **ଔପଚାରିକ ଦଳ** କୁହାଯାଏ। ସାଧରଣତଃ ଏକ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିବା ନିମିତ୍ତ ଏହା ଗଠିତ ହୋଇଥାଏ। ଛାତ୍ର ପରିଯୋଜନା ଗୋଷ୍ଠି, ସମିତି, ପରିଷଦ ବା ଆୟୁକ୍ତ ଔପଚାରିକ ଦଳର ଗୋଟିଏ ଗୋଟିଏ ଉଦାହରଣ।

ଅନ୍ୟ ପକ୍ଷରେ **ଅନୌପଚାରିକ ଦଳ** ବ୍ୟକ୍ତିମାନଙ୍କର ପରସ୍ପର ମଧ୍ୟରେ ଭାବ ବିନିମୟ ଦ୍ୱାରା ସ୍ୱତଃ ସୃଷ୍ଟି ହୋଇଥାଏ। ସମାନ ବିଚାର, ମୂଲ୍ୟବୋଧ ଏବଂ ସାମାଜିକ ଆବଶ୍ୟକତା ଥିବା ବ୍ୟକ୍ତିମାନଙ୍କୁ ନେଇ ଅନୌପଚାରିକ ଦଳର ସୃଷ୍ଟି ହୋଇପାରେ। ଉଦାହରଣ ସ୍ୱରୂପ, ଭାରତୀୟ ଜାତୀୟ କଂଗ୍ରେସ୍, ରୋଟାରି କ୍ଲବ ଅନୌପଚାରିକ ଦଳ ରୂପେ ପ୍ରଥମେ ଆରମ୍ଭ ହୋଇଥିଲା। ଏକ ସାଧାରଣ ଲକ୍ଷ୍ୟ ହାସଲ ନିମିତ୍ତ ଏକା ମନୋବୃତ୍ତିର ବ୍ୟକ୍ତି ମାନଙ୍କ ମଧ୍ୟରେ ସ୍ୱତଃ ଭାବ ବିନିମୟ ହେଲେ, ତାହା ଏକ ଅନୌପଚାରିକ ଦଳ ସୃଷ୍ଟି କରିପାରେ। କୌଣସି ଦଳର ସଦସ୍ୟ ହେବା ବିଭିନ୍ନ ଉତ୍ପାଦକ ଉପରେ ନିର୍ଭର କରେ। ଗୁରତ୍ୱ, ସାଧାରଣ ଉଦ୍ଦେଶ୍ୟ, ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି, ସାଂସ୍କୃତିକ ଆକାଙ୍କ୍ଷା, ଦାରିଦ୍ର୍ୟ, ବଂଚିତ କରଣ ଏବଂ ଚାକିରି ସୁରକ୍ଷା ଆଦି ଉତ୍ପାଦକ ଗୁଡିକ ଏହାର ଅନ୍ତର୍ଭୁକ୍ତ। ମନୋବୃତ୍ତିରେ ସାମଞ୍ଜସ୍ୟ, ପରିସ୍ଥିତି ଏବଂ ନେତୃତ୍ୱର ଲକ୍ଷଣ ମଧ୍ୟ ଦଳ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

୧୩.୬ ଦଳର ବିକାଶ

କେତେଦିନ ଧରି ଏକତା ରହି ଆସୁଥିବା ଦଳ ମାନଙ୍କର ଠାରୁ ନୂଆକରି ସୃଷ୍ଟି ହେଉଥିବା ଦଳ ଭିନ୍ନ ଆଚରଣ ପ୍ରଦର୍ଶନ କରନ୍ତି। କାରଣ ଦଳ ବିପରୀତ ମୁଖୀ ପର୍ଯ୍ୟାୟ ଦେଇ ଅଗ୍ରଗତିକରେ। ନିମ୍ନଲିଖିତ ପର୍ଯ୍ୟାୟ ଦେଇ ନୂଆଦଳ ଗତି କରିଥାଏ: ଆକାର ଗ୍ରହଣ, ଆଲୋଡ଼ନ, ପ୍ରାରମ୍ଭିକ ସମନ୍ୱୟ ଏବଂ କାର୍ଯ୍ୟକାରୀ ପର୍ଯ୍ୟାୟ।

ଆକାର ଗ୍ରହଣ ପର୍ଯ୍ୟାୟ

ଗୋଟିଏ ଦଳ ଗଠନ ହେବା ସମୟରେ କେତେଗୁଡିଏ ବିଷୟରେ ନିଷ୍ପତ୍ତି ଗହଣ କରାଯାଏ। ଗୋଟିଏ ଦଳରେ ଯୋଗ ଦେବା ପୂର୍ବରୁ ଲୋକମାନେ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରି ଥାଆନ୍ତି। କିଏ ଜଣେ ସଦସ୍ୟ ହୋଇପାରିବ ? ସଦସ୍ୟ ହେବାପାଇଁ ଜଣଙ୍କୁ କ'ଣ କରିବାକୁ ପଡିବ ? ମୋତେ ଦଳ କ'ଣ ଦେଇପାରିବ ? ମୁଁ ଦଳକୁ କିପରି ସାହାଯ୍ୟ କରିପାରିବି ? ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ପ୍ରଥମ ପର୍ଯ୍ୟାୟରେ ଦଳ ତାର ସଦସ୍ୟ ମାନଙ୍କ ପାଇଁ ଆଚରଣ ବିଧି ବ୍ୟାଖ୍ୟାକରେ ଏବଂ ଦଳର ଲକ୍ଷ୍ୟ ସ୍ଥିର କରେ।

ଆଲୋଡ଼ନ ପର୍ଯ୍ୟାୟ

ଏହି ପର୍ଯ୍ୟାୟରେ ସଦସ୍ୟମାନେ ସେମାନଙ୍କର ଅନୁଭବକୁ ସ୍ୱାଚ୍ଛନ୍ଦ୍ୟରେ ଉପସ୍ଥାପନା କରିପାରନ୍ତି। ଏହି ସ୍ତରରେ ମନୋବୃତ୍ତି ଏବଂ ଆବଶ୍ୟକତା ମଧ୍ୟରେ ଥିବା ପାର୍ଥକ୍ୟକୁ ଭଲ ଭାବରେ ଲକ୍ଷ୍ୟ କରିହୁଏ। ଅନ୍ତର୍ନିହିତ ଓ ବାହ୍ୟ ଆବଶ୍ୟକତାକୁ ନେଇ ସଦସ୍ୟ ମାନଙ୍କ ମଧ୍ୟରେ ଦ୍ୱନ୍ଦ ବଢ଼େ। ଏହି ଦ୍ୱନ୍ଦଗୁଡ଼ିକୁ ଅବହେଳା କରାଗଲେ, ସଦସ୍ୟମାନଙ୍କ ମଧ୍ୟରେ ତିକ୍ତତା ବୃଦ୍ଧିପାଏ ଏବଂ ଏହା ଦଳର କାର୍ଯ୍ୟକାରିତାକୁ ନଷ୍ଟ କରିଦେଇପାରେ।

ପ୍ରାରମ୍ଭିକ ସମନ୍ୱୟ ପର୍ଯ୍ୟାୟ

ଏହି ସ୍ତରରେ ସଦସ୍ୟ ମାନଙ୍କ ମଧ୍ୟରେ ଆନ୍ତରିକତା ଓ ଅଂଶୀଭୂତ ହେବା ମନୋଭାବ ସୃଷ୍ଟି ହୁଏ। ଏହି ପର୍ଯ୍ୟାୟ ବେଳକୁ ଦଳର ନିୟମ ସ୍ଥିରିକୃତ ହୋଇ ଯାଇଥାଏ ଯାହାକି ସଦସ୍ୟମାନଙ୍କୁ କାର୍ଯ୍ୟ କରିବା ପାଇଁ ବାଟ ଦେଖାଇଥାଏ। ଏହି ପର୍ଯ୍ୟାୟରେ ସଦସ୍ୟମାନେ ପରସ୍ପରକୁ ସହଯୋଗ କରିବା ଆରମ୍ଭ କରିଦିଅନ୍ତି।

ଟିପ୍ପଣୀ

କ୍ରିୟାଶୀଳ ପର୍ଯ୍ୟାୟ

ଏହି ପର୍ଯ୍ୟାୟରେ ଦଳ ଏକ ପ୍ରଭାବଶାଳୀ ଏକକ ଭାବେ କାର୍ଯ୍ୟ କରିବା ଆରମ୍ଭ କରେ। ଏହି ପର୍ଯ୍ୟାୟରେ ସଦସ୍ୟମାନେ କିପରି ଏକତ୍ର ହୋଇ ଉନ୍ନତି କରିବେ ତାହା ଭଲ ରୂପେ ଶିକ୍ଷା କରିଥାଆନ୍ତି। ସଦସ୍ୟ ମାନଙ୍କର ଭୂମିକା ନିର୍ଦ୍ଧାରିତ ହୋଇଯାଇଥାଏ ଏବଂ ନେତୃତ୍ୱ ବିଷୟ ଏ ସମୟ ବେଳକୁ ସ୍ଥିର ହୋଇଯାଇଥାଏ। ଦଳ ତାର ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା ଆରମ୍ଭ କରିଦିଏ। ଅଧିକାଂଶ ସଦସ୍ୟ ଏହି ପର୍ଯ୍ୟାୟରେ ଦଳ ଉପରେ ସନ୍ତୁଷ୍ଟ ରହନ୍ତି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ - ୧୩.୭

୧. ଦଳ ବିକାଶର ବିଭିନ୍ନ ପର୍ଯ୍ୟାୟ ଗୁଡିକୁ ଆଲୋଚନା କର।

୧୩.୭ ନେତୃତ୍ୱ

କଥାରେ ଅଛି "ଆଜିର ଯୁବ ଗୋଷ୍ଠି କାଲିର ନେତା"। ଜୀବନର ବିଭିନ୍ନ କ୍ଷେତ୍ରରେ ନେତାମାନେ ଖ୍ୟାତି ଲାଭ କରିଛନ୍ତି। ଗଣ ମାଧ୍ୟମରେ କ୍ରୀଡ଼ା, ରାଜନୀତି, ସିନେମା ଓ ବ୍ୟବସାୟିକ କ୍ଷେତ୍ରରେ ନେତାମାନଙ୍କର ଭାବମୂର୍ତ୍ତି ଆମର ଦୃଷ୍ଟିଗୋଚର ହୁଏ। ଏକ ସଫଳ ନେତା ହେବା ପଛରେ ବିଭିନ୍ନ ସଫଳପୂର୍ଣ୍ଣ କାହାଣୀ ଥାଏ ଏବଂ କେବଳ ଗୋଟିଏ ଗ୍ରହଣୀୟ ଲକ୍ଷଣକୁ ନେଇ ଜଣେ ସଫଳ ନେତା ହେବା ଅସମ୍ଭବ। ସାମାଜିକ ଓ ସାଂସ୍କୃତିକ ପରମ୍ପରା ଏବଂ ରାଜନୈତିକ ଆର୍ଥିକ ପରିସ୍ଥିତି ନେତୃତ୍ୱର କେତେକ ମୂଖ୍ୟ ନିର୍ଣ୍ଣାୟକ ଅଟନ୍ତି। ପରିବାର, ବ୍ୟବସାୟ, ବିଦ୍ୟାଳୟ, ଦେଶ ପରିଚାଳନା କିମ୍ବା ଯୁଦ୍ଧକ୍ଷେତ୍ରରେ ସଫଳତାକୁ ନେତୃତ୍ୱର ଲକ୍ଷଣ ବୋଲି କୁହାଯାଏ। କଂପ୍ୟୁଟର ଏବଂ ଇଣ୍ଟରନେଟ ସାହାଯ୍ୟରେଜାତୀୟ ଏବଂ ଭୌଗଳିକ ସୀମା ରେଖାକୁ ନିଶ୍ଚିହ୍ନକରି ଆଜିର କାର୍ଯ୍ୟ ପରିବେଶ ନେତୃତ୍ୱର ଆବଶ୍ୟକତାକୁ ବଢ଼ାଇ ଦେଇଛି। ବର୍ତ୍ତମାନ ପରିସ୍ଥିତିରେ ବହୁମୂଖୀ ପରିବେଶ ନେତୃତ୍ୱର ଗୁରୁତ୍ୱ ବୃଦ୍ଧି କରିଛି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ପାଇଁ ଜଣେ ସଦସ୍ୟ ଅନ୍ୟ ସଦସ୍ୟମାନଙ୍କୁ ପ୍ରଭାବିତ କରିପାରିବାର ଦକ୍ଷତାକୁ ନେତୃତ୍ୱ କୁହାଯାଏ। ଜଣେ ଉତ୍ତମ ନେତା ତାର ଅନୁଗାମୀ ମାନଙ୍କର ବ୍ୟବହାର, ମନୋବୃତ୍ତି ଏବଂ କାର୍ଯ୍ୟକଳାପକୁ ପ୍ରଭାବିତ କରିବାରେ ସମର୍ଥ ହୋଇଥାଏ।

୧୩.୮ ନୋତଙ୍କର ଲକ୍ଷଣ

ଯଦି ସାମାଜିକ ନେତାଙ୍କର ଉଦାହରଣ ହେଉଛନ୍ତି ମହାତ୍ମା ଗାନ୍ଧୀ,ବୃତ୍ତିଗତ ନେତାଙ୍କର ଉଦାହରଣ ହେଉଛନ୍ତି ନାରାୟଣ ମୂର୍ତ୍ତି ଏବଂ ଧର୍ମ ସମ୍ବନ୍ଧୀୟ ନେତାଙ୍କର ଉଦାହରଣ ହେଉଛନ୍ତି, ବୁଦ୍ଧ, ଖ୍ରୀଷ୍ଟ, ଗୁରୁ ନାନକ। ଉଦ୍ୟମଶୀଳତା ଓ ଆଧିପତ୍ୟର ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନେତାଙ୍କୁ ବହୁ ଲୋକ ଶୁଣନ୍ତି ଏବଂ ଗ୍ରହଣ କରନ୍ତି। ତାଙ୍କର ଅନୁଗାମୀମାନେ ଯୋଗାଯୋଗରେ ସଂପୃକ୍ତ ଥାଆନ୍ତି ଏବଂ ନେତାଙ୍କର ପ୍ରଭୁତ୍ୱକୁ ସେମାନେ ସ୍ୱୀକାର କରନ୍ତି।

ଜଣେ ସଫଳ ନେତା ହେବା ନିମନ୍ତେ ଆବଶ୍ୟକୀୟ ଗୁଣ ସ୍ଥାନ, ସଂସ୍କୃତି ଓ ପରିସ୍ଥିତି ଅନୁସାରେ ଭିନ୍ନଭିନ୍ନ ହୋଇଥାଏ। ବିଶିଷ୍ଟ ନେତାମାନେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଛନ୍ତି ଯଥା କ୍ରିକେଟ୍‌ରେ ସଚ୍ଚିନ ତେନ୍ଦୁଲକର, ବ୍ୟବସାୟରେ ରତନଟଟା, ଏବଂ ଲକ୍ଷ୍ୟଭେଦରେ ଅଭିନବ ବିନ୍ଦ୍ରା, କିନ୍ତୁ ସେମାନଙ୍କୁ ଜନ ସାଧାରଣଙ୍କର ନେତାବୋଲି ସ୍ୱିକାର କରାଯାଏ ନାହିଁ। ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସଫଳ ନେତା ହେବା ଏବଂ ସମୂହ ସାମାଜିକ ବର୍ଣ୍ଣାଳୀର ନେତାହେବା ଭିନ୍ନ। ଯେଉଁ ମୁଖ୍ୟ ମନସ୍ତାତ୍ତ୍ୱିକ ଲକ୍ଷଣ ଗୁଡିକ ଜଣେ ବ୍ୟକ୍ତିଙ୍କୁ ନେତା ଭାବେ ପ୍ରତିପାଦିତ କରାଏ ତାହା ନିମ୍ନରେ

ଦିଆଗଲା।

- ନେତାମାନେ ସେମାନଙ୍କର ଅନୁଗାମୀ ମାନଙ୍କର ଦକ୍ଷତା ବିଷୟରେ ସଚେତନ ଥାଆନ୍ତି। ନେତା ଉତ୍ତମ ବାଚିକଓ ଅଣବାଚିକ ଭାବବିନିମୟ କୌଶଳର ଅଧିକାରୀ ହୋଇଥାନ୍ତି।
- ନେତାମାନେ ବ୍ୟକ୍ତିଗତ ଭାବେ ଦାୟିତ୍ୱକୁ ଗ୍ରହଣ କରନ୍ତି ଏବଂ ଦଳର ସଦସ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଥାନ୍ତି।
- ପରିସ୍ଥିତିକୁ ବୁଝିବା ପାଇଁ ନେତାମାନଙ୍କର ଦକ୍ଷତା ଥାଏ।
- ନେତାମାନେ ଦୂରଦୃଷ୍ଟି ସଂପନ୍ନ, ବିଶ୍ୱାସ ଯୋଗ୍ୟ ଏବଂ ଉତ୍ତମ ଯୋଜନା ପ୍ରସ୍ତୁତକାରୀ ଅଟନ୍ତି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ-୧.୮

୧. ନେତାଙ୍କର ଲକ୍ଷଣ ଗୁଡିକୁ ଚିହ୍ନଟ କର।

____

୧୩.୯ ନେତୃତ୍ୱ ସମ୍ବନ୍ଧୀୟ ତତ୍ତ୍ୱ:

ନେତୃତ୍ୱର ବହୁଳ ଆଭିମୁଖ୍ୟ ରହିଛି। ସେଥିରୁ କେତେକ ମୁଖ୍ୟ ଆଭିମୁଖ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।

ନେତୃତ୍ୱର ବିଷୟରେ ପ୍ରାରମ୍ଭିକ ମତ ବର୍ଣ୍ଣନା କରେ ଯେ ନେତାମାନେ ଜନ୍ମ ନିଅନ୍ତି। ଏହି ମତବାଦ ଅନୁସାରେ କେତେକ ବ୍ୟକ୍ତି ନେତୃତ୍ୱର ଲକ୍ଷଣ ନେଇ ଜନ୍ମ ହୁଅନ୍ତି ଏବଂ ନେତା ହେବାର ସହଜାତ ଗୁଣ ଧାରଣ କରିଥାଆନ୍ତି। ପରବର୍ତ୍ତୀ କାଳରେ ବିଭିନ୍ନ ଆଭିମୁଖ୍ୟ ବିକାଶ ଲାଭ କଲା।

(କ) ଶୀଳଗୁଣ ସିଦ୍ଧାନ୍ତ: କେଉଁ ବ୍ୟକ୍ତିଗତ ଲକ୍ଷଣ ପ୍ରଭାବଶାଳୀ ନେତୃତ୍ୱ ନେବାପାଇଁ ବାଟ କଢ଼ାଇ ଥାଏ ତାହା ଜଣାଇବା ପାଇଁ ଏହି ସିଦ୍ଧାନ୍ତ ପ୍ରୟାସ କରେ। ନେତୃତ୍ୱ ବିକାଶର ମୁଖ୍ୟ ଶୀଳଗୁଣ ଗୁଡ଼ିକ ହେଉଛନ୍ତି: ଆତ୍ମ ବିଶ୍ୱାସ, ତା ସହିତ ଅନ୍ୟମାନଙ୍କର ମତକୁ ନିରପେକ୍ଷ ଭାବେ ଗ୍ରହଣ କରିବା, କାର୍ଯ୍ୟ ପ୍ରତି ପ୍ରବଳ ଆଗ୍ରହ ଓ ପ୍ରଣୋଦନା ଯାହା ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟିକରିପାରେ। ଲୋକଙ୍କୁ ଭଲ ପାଇବା, ଅନ୍ୟମାନଙ୍କୁ ସ୍ୱୀକାର କରିବା, ପରିପକ୍ୱତା ଓ ଦାୟିତ୍ୱବୋଧ ଏବଂ ଲକ୍ଷ୍ୟ ହାସଲ ପାଇଁ ଇଚ୍ଛାଶକ୍ତି ଇତ୍ୟାଦି।

(ଖ) ବ୍ୟବହାରବାଦୀ ଆଭିମୁଖ୍ୟ: ଦେଖାଯାଇଛି ଯେ ସଫଳ ନେତାମାନେ ଦୁଇ ପ୍ରକାରର ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି, କାର୍ଯ୍ୟ କୈନ୍ଦ୍ରିକ ଓ କର୍ମଚାରୀ କୈନ୍ଦ୍ରିକ, କାର୍ଯ୍ୟ ଅଭିବିନ୍ୟାସ କହିଲେ କାର୍ଯ୍ୟର ଗୁଣ ଓ ପରିମାଣକୁ ବୁଝାଏ। ଅନ୍ୟପକ୍ଷରେ ଦଳର ସଦସ୍ୟମାନଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିବାରେ କର୍ମଚାରୀ ଅଭିବିନ୍ୟାସ ଗୁରୁତ୍ୱ ଦେଇଥାଏ।

(ଗ) ପାରିସ୍ଥିତିକ ଆଭିମୁଖ୍ୟ: ଆମେ ସର୍ବଦା ଦେଖୁ ଯେ, ସଫଳ ନେତୃତ୍ୱରେ ପାରସ୍ଥିତିକ ପରିବର୍ତ୍ତୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏକ ନିର୍ଦ୍ଦିଷ୍ଟ ଶୈଳୀର ନେତୃତ୍ୱର ସଫଳତା ପରିସ୍ଥିତି ଉପରେ ନିର୍ଭର କରେ। ପରିସ୍ଥିତି ପରିବର୍ତ୍ତନ ହେବା ସହ ଭିନ୍ନ ଭିନ୍ନ ଶୈଳୀର ନେତୃତ୍ୱ ଫଳପ୍ରଦ ହୁଏ।

(ଘ) ପନ୍ଥା-ଲକ୍ଷ୍ୟ ଆଭିମୁଖ୍ୟ: କିପରି ନେତାମାନେ ସେମାନଙ୍କର ଅନୁଗାମୀ ମାନଙ୍କର ଆଶାକୁ ପ୍ରଭାବିତ କରିଥାନ୍ତି। ପନ୍ଥା ଲକ୍ଷ୍ୟ ଆଭିମୁଖ୍ୟ ତା' ଉପରେ ଗୁରୁତ୍ୱ ଦେଇଥାଏ। ଏହି ଆଭିମୁଖ୍ୟ ଅନୁସାରେ ଯେତେବେଳେ ଅନୁଗାମୀମାନେ ନେତାଙ୍କର ଆଚରଣକୁ ସେମାନଙ୍କର ବର୍ତ୍ତମାନ କିମ୍ବା ଭବିଷ୍ୟତରେ ସନ୍ତୁଷ୍ଟି ପ୍ରାପ୍ତିର ମୂଳ କାରଣ ବୋଲି ଭାବନ୍ତି ସେତେବେଳେ ସେମାନେ ନେତାଙ୍କୁ ସ୍ୱୀକୃତି ଦିଅନ୍ତି।

ଟିପ୍ପଣୀ

ନିମ୍ନଲିଖିତ ଚାରି ପ୍ରକାରର ନେତୃତ୍ୱ ଶୈଳୀ ପନ୍ଥା ଲକ୍ଷ୍ୟ ଆଭିମୁଖ୍ୟ ଦ୍ୱାରା ଚିହ୍ନଟ କରାଯାଇଛି:

(୧) କଣ କରାଯିବା ଉଚିତ୍ ଏବଂ ତାହା କିପରି କରାଯିବ ସେ ବିଷୟରେ ନିର୍ଦ୍ଦେଶାତ୍ମକ ଶୈଳୀ ମାର୍ଗ ଦର୍ଶାଇଥାଏ।

(୨) ସହାୟକ ଶୈଳୀ ସଦସ୍ୟ ମାନଙ୍କ ସହିତ ଅର୍ନ୍ତବୈକ୍ତିକ ସମ୍ବନ୍ଧ ସ୍ଥାପନ ଉପରେ ପ୍ରାଥମିକ ଗୁରୁତ୍ୱ ଦେଇଥାଏ।

(୩) ସହଭାଗି ଶୈଳୀ ବିଶ୍ୱାସ କରେ ଯେ, ସିଦ୍ଧାନ୍ତ ନେବାରେ ଅନୁଗାମୀ ମାନେ ଅଂଶଗ୍ରହଣ କଲେ ସିଦ୍ଧାନ୍ତର ମାନରେ ଉନ୍ନତି ଆସେ।

(୪) କୃତୀ ଅଭି ବିନ୍ୟାସ ଶୈଳୀ ଏହାର ଅନୁଗାମୀ ମାନଙ୍କ ପାଇଁ ଆହ୍ୱାନମୂଳକ ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥିର କରେ। ଏହି ନେତୃତ୍ୱ ଶୈଳୀରେ ନ୍ୟୁନତମ ତତ୍ତ୍ୱାବଧାନ ଆବଶ୍ୟକ ହୁଏ।

(ଙ) ଦିବ୍ୟ ପ୍ରତିଭା ନେତୃତ୍ୱ: ଏହି ପ୍ରକାରର ନେତୃତ୍ୱ ନେତା ଏବଂ ଅନୁଗାମୀ ମାନଙ୍କ ମଧ୍ୟରେ ଅର୍ନ୍ତବୈକ୍ତିକ ଆଦାନ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ନେତାମାନେ ଏପରି ଆଚରଣରେ ଜଡିତ ଥାଆନ୍ତି ଯାହାକି ନେତା ଏବଂ ଅନୁଗାମୀ ମାନଙ୍କ ମଧ୍ୟରେ ଏକ ଗୁଣାତ୍ମକ ଭାବ ବିନିମୟକୁ ବଜାୟ ରଖିବାରେ ସାହାଯ୍ୟ କରେ। ଏହି ନେତାମାନଙ୍କର ମୂଖ୍ୟ ଗୁଣ ଗୁଡିକ ନିମ୍ନରେ ଦିଆଗଲା:

- ସେମାନେ ବାସ୍ତବତାର ଏକ ଅସାଧାରଣ ବା ଦୂର ଦୃଷ୍ଟି ପ୍ରଦାନ କରନ୍ତି।
- ସେମାନେ ସେମାନଙ୍କର ଦୃଷ୍ଟିଭଙ୍ଗୀକୁ ପ୍ରସାରିତ କରିବା ତ୍ୟାଗ କରନ୍ତି ବା ବିପଦକୁ ବରଣ କରନ୍ତି।
- ଲକ୍ଷ୍ୟ ହାସଲ ପାଇଁ ସେମାନେ ନୂତନ ପନ୍ଥା ଅବଲମ୍ବନ କରନ୍ତି।
- ସେମାନେ ଆତ୍ମାଭିତ୍ତିକ ଯୋଗାଯୋଗ କରନ୍ତି।

ଦିବ୍ୟ ପ୍ରତିଭା ନେତୃତ୍ୱ ତାର ଅନୁଗାମୀ ମାନଙ୍କର ଲକ୍ଷ୍ୟ, ମୂଲ୍ୟବୋଧ, ଆବଶ୍ୟକତା, ବିଶ୍ୱାସ ଓ ଆଶାରେ ପରିବର୍ତ୍ତନ ଆଣି ସେମାନଙ୍କୁ ରୂପାନ୍ତର କରନ୍ତି। ଏହି ନେତାମାନେ ଅନୁଗାମୀ ମାନଙ୍କୁ ବ୍ୟକ୍ତିଗତ ଭାବେ ଅନୁଗ୍ରହ କରି ଏହି ରୂପାନ୍ତରିତ କ୍ରିୟା ସଂପାଦନ କରନ୍ତି।

ତୁମେ କ'ଣ ଶିକ୍ଷା କଲ

- ଏକ ସାଧାରଣ ଲକ୍ଷ୍ୟ ହାସଲ ପାଇଁ ପରସ୍ପର ମଧ୍ୟରେ କିଛି ସମୟ ପାଇଁ ଭାବ ବିନିମୟ କରୁଥିବା ଦୁଇ ବା ତତୋଧିକ ବ୍ୟକ୍ତିଙ୍କ ସମାବେଶକୁ ଦଳ ବା ସମୂହ କୁହାଯାଏ। ଆମର ବ୍ୟକ୍ତିଗତ ଆବଶ୍ୟକତା ଏବଂ ଆଶାକୁ ପୂରଣ କରିବା ପାଇଁ ଦଳର ଆବଶ୍ୟକତା ଥାଏ।
- ପ୍ରତିଯୋଗିତା, ସଂହତି ଏବଂ ସହଯୋଗ ଆଦି ଉତ୍ପାଦକ ମାନଙ୍କ ସାହାଯ୍ୟରେ ଦଳର ପ୍ରକ୍ରିୟାର ଗୁରୁତ୍ୱ ବୁଝାପଡ଼େ ଦଳ କାର୍ଯ୍ୟ ସାଧନ ଓ ଉତ୍ପନ୍ନଶୀଳତାକୁ ବୃଦ୍ଧିକରେ।
- ଗ୍ରାମ, ଜାତି ଓ ସଂପ୍ରଦାୟ ସ୍ତରରେ ଦଳଗତ ବ୍ୟବହାରର ବିଭିନ୍ନ ଦିଗ ବୁଝିବାରେ ଦଳ ପ୍ରକ୍ରିୟା ସାହାଯ୍ୟ କରେ।
- ସଂଗଠନାତ୍ମକ ସ୍ତରରେ ଦଳୀୟ ବିବିଧତା ଓ ଏହାର ବିପୁଳ ଶକ୍ତିକୁ ବଳଶାଳୀ କରି ଉତ୍ପାଦନକୁ ଅଧିକ ବୃଦ୍ଧି କରାଯାଇପାରେ।
- ମନୁଷ୍ୟ ଏତେ ଜଟିଳ ଯେ, ନେତୃତ୍ୱକୁ ବ୍ୟାଖ୍ୟା କରିବା ପାଇଁ ଆମ ପାଖରେ ବିଭିନ୍ନ ପ୍ରକାରର ତତ୍ତ୍ୱ ରହିଛି।

- ନେତୃତ୍ୱର ମହାପୁରୁଷ ତତ୍ତ୍ୱ ଅନୁସାରେ କେତେକ ବ୍ୟକ୍ତି ନେତା ହେବାପାଇଁ ଜନ୍ମ ନେଇଥାନ୍ତି । କିନ୍ତୁ ଏହି ମତ ଅତି ପ୍ରାଚୀନ ହୋଇଗଲାଣି ।
- ଶୀଳଗୁଣ ସିଦ୍ଧାନ୍ତ ଅନୁଯାୟୀ ଜଣେ ନେତା ହେବା ପାଇଁ କେତେକ ଶାରୀରିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ଗୁଣର ଆବଶ୍ୟକତା ଥାଏ ।
- ପାରିସ୍ଥିତିକ ଆଭିମୁଖ୍ୟ ଅନୁଯାୟୀ ଆମେ ଶୀଳଗୁଣ ଏବଂ ବ୍ୟବହାରକୁ ଅଲଗା ନ ବୁଝି ବରଂ ପରିସ୍ଥିତି ଅନୁଯାୟୀ ବୁଝିବା ଦରକାର ।
- ଦିବ୍ୟ-ପ୍ରତିଭା ତତ୍ତ୍ୱ ଏକ ଦୂରଦୃଷ୍ଟି ସିଦ୍ଧାନ୍ତ ଉପସ୍ଥାପନା କରେ ଏବଂ ଲକ୍ଷ୍ୟ ହାସଲ ପାଇଁ ନୂତନ ପଦ୍ଧତି ବ୍ୟବହାର କରେ ।
- ଆମ ଦୈନନ୍ଦିନ ଜୀବନରେ ନେତୃତ୍ୱ ବିଷୟରେ ବହୁଳ ଚର୍ଚ୍ଚା ହୋଇଥାଏ ଏବଂ ଏହାର ଉତ୍ତମ ଉପଲବ୍ଧି ବ୍ୟବହାରିକ ଏବଂ ବୃତ୍ତିଭିତ୍ତିକ ଜୀବନରେ ଆମର ଦରକାରରେ ଆସିବ ।

ଅନ୍ତିମ ପ୍ରଶ୍ନାବଳୀ

୧. ଏକ ଦଳର ସଦସ୍ୟତା ଗ୍ରହଣ କରିବାରେ ମିଳୁଥିବା ବିଭିନ୍ନ ପ୍ରକାରର ଲାଭଗୁଡ଼ିକୁ ବର୍ଣ୍ଣନାକର ।

୨. ସମୂହ ଗତିଶୀଳକତା କହିଲେ କ'ଣ ବୁଝ ?

୩. ନେତୃତ୍ୱର ମନସ୍ତାତ୍ତ୍ୱିକ ଗୁଣ ଗୁଡିକୁ ବର୍ଣ୍ଣନା କର ।

୪. ଯଦି ତୁମେ ଏକ କମ୍ପାନୀର ନୂତନ ଭାବେ ସଭାପତି ହୁଅ ତେବେ ତୁମେ ନେତୃତ୍ୱକୁ କିପରି ପ୍ରଦର୍ଶନ କରିବ ?

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର ମାଳା

୧୩.୧

ଆବଶ୍ୟକତାର ପରିତୃପ୍ତି, ପରିଚୟ, ଆତ୍ମିୟତା, ସ୍ୱ ଓ ବ୍ୟକ୍ତିତ୍ୱ ବିକାଶ, ସାମାଜିକୀକରଣ, ଶୃଙ୍ଖଳା, ଲକ୍ଷ୍ୟ ହାସଲ ।

୧୩.୨

୧. (କ) ନା
(ଖ) ହଁ
(ଗ) ନା
(ଘ) ହଁ
(ଙ) ହଁ

ଟିପ୍ପଣୀ

୨. ଏକାଠି କାମ କରିବା, ସାଧାରଣ ଲକ୍ଷ୍ୟ, ସମାନ ଗୁଣର ଅଂଶୀଦାର, ଆତ୍ମୀକ ଭାବନା, ବାରମ୍ବାର ପାରସ୍ପରିକ କ୍ରିୟା, ନୀତି, ନିୟମ, ଆକାର

୧୩.୩

୧. ପରସ୍ପରକୁ ପ୍ରଭାବିତ କରିବା, ସଂହତି, ସଙ୍ଗତି

୨. ସଂହତି ଲୋକମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ, ସାଧାରଣ ଆଶଙ୍କା, ସଙ୍ଗତି, ଆଚରଣରେ ପରିବର୍ତ୍ତନ, ପ୍ରତିପାଳନ, ଆଦେଶ ବା ଆଜ୍ଞା।

୧୩.୪

୧. ଅନ୍ତଃ ସମୂହ, ବହିଃ ସମୂହ, ସାମାଜିକ ବର୍ଗୀକରଣ, ପୂର୍ବାଗ୍ରହ, ବିଭେଦୀକରଣ, ନାମକରଣ

୧୩.୫

୧. ଶ୍ରୋତାଙ୍କ ଉପସ୍ଥିତି ଯୋଗୁଁ କାର୍ଯ୍ୟ ସଂପାଦନ ଉପରେ ପ୍ରଭାବ, ଜାଗୃତି,

୨. ଦାୟିତ୍ୱ ବିସ୍ତାର, ସ୍ୱଳ୍ପ ଚେଷ୍ଟା, ଉଦ୍ୟମକୁ ମପା ଯାଏନାହିଁ ବା ପୁରସ୍କୃତ କରାଯାଏ ନାହିଁ।

୧୩.୬

୧. ଦଳର ଆକାର , ଧ୍ରୁବୀକରଣ, ସମୂହ ଚିନ୍ତନ।

୧୩.୭

୧. ଆକାର ଗ୍ରହଣ, ଆଲୋଡ଼ନ, ପ୍ରାରମ୍ଭିକ ସମନ୍ୱୟ, କ୍ରିୟାଶୀଳ।

୧୩.୮

୧. ଉଦ୍ୟମଶୀଳତା, ଆଧିପତ୍ୟ, ଯୋଗାଯୋଗ, ବୁଝାମଣା, ଦୂରଦ୍ରଷ୍ଟା, ଯୋଜନାକାରୀ।

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ୧୩.୧ ଭାଗକୁ ଦେଖ

୨. ୧୩.୩ ଭାଗକୁ ଦେଖ

୩. ୧୩.୮ ଭାଗକୁ ଦେଖ

୪. ୧୩.୯ ଭାଗକୁ ଦେଖ

୧୪

ଭାବ ବିନିମୟ

ଖାଦ୍ୟ ଏବଂ ଆଶ୍ରୟ ପରି ବଞ୍ଚିବା ପାଇଁ ଭାବ ବିନିମୟ ନିତାନ୍ତ ଆବଶ୍ୟକ। ଆମେ ଆମର ଚତୁଃପାର୍ଶ୍ୱକୁ ଦେଖି କଳ୍ପନା କରିପାରୁ ଯେ, ବିପୁଳ ପରିମାଣରେ ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ଭାବର ବିଭିନ୍ନ ବିନିମୟ ପନ୍ଥା ରହିଛି। ଆମେ ଗଣମାଧ୍ୟମ, ପୁସ୍ତକରୁ ଏବଂ ଅନ୍ୟମାନଙ୍କଠାରୁ ଚିତ୍ତବିନୋଦନ, ସୂଚନା, ଜ୍ଞାନ, ରାଜନୈତିକ ଘଟଣାବଳୀ, ନୂଆ ମୁକ୍ତିଲାଭ କରୁଥିବା ସିନେମା ଇତ୍ୟାଦି ବିଷୟରେ ଜାଣିପାରୁ। ଆମେ ଶବ୍ଦ, ଠାର, ସଂକେତ, ସ୍ୱର, ଗୀତ ଇତ୍ୟାଦି ଦ୍ୱାରା ସୂଚନା ବିନିମୟ କରୁ। ଏହି ପାଠ୍ୟକ୍ରମରେ ତୁମେ ଭାବ ବିନିମୟ, ଏହାର ପ୍ରକାର ଏବଂ ବ୍ୟବହାର ବିଷୟରେ ଶିକ୍ଷା କରିବ। ଆମର ଦୈନନ୍ଦିନ ଜୀବନରେ କିପରି ଅଧିକ ଫଳପ୍ରଦ ଭାବବିନିମୟ କରାଯାଇପାରିବ, ଏବଂ ବ୍ୟକ୍ତି ଓ ସମାଜ ଉପରେ ଗଣମାଧ୍ୟମର ପ୍ରଭାବ ସମ୍ପର୍କରେ ତୁମେ ଏହି ଅଧ୍ୟାୟରେ ଜାଣିବାର ସୁଯୋଗ ପାଇବ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିଲା ପରେ, ତୁମେ ସକ୍ଷମ ହୋଇପାରିବ:

- ଭାବ ବନିମୟ ପ୍ରକ୍ରିୟାର ଉପାଦାନ ଗୁଡିକୁ ବର୍ଣ୍ଣନା କରିବା ପାଇଁ,
- ଭାବ ବିନିମୟକୁ କିପରି ଅଧିକ ଫଳପ୍ରଦ କରାଯାଇପାରିବ ତାର ମୂଲ୍ୟାୟନ
- ଭାରତୀୟ ପରିପ୍ରେକ୍ଷୀରେ ଅଣବାଚନିକ ଭାବ ବିନିମୟର ଗୁରୁତ୍ୱ ବିଷୟରେ ଶିକ୍ଷା କରିବା ଏବଂ
- ଗଣମାଧ୍ୟମର ଭୂମିକା ଏବଂ ପ୍ରଭାବ କୁ ବୁଝିବା।

୧୪.୧ ଭାବ ବିନିମୟର ଅର୍ଥ

ଜନଗଣ ଓ ପରିବେଷ୍ଟନୀ ମଧ୍ୟରେ ସଂଘଟିତ ହେଉଥିବା ପାରସ୍ପରିକ କ୍ରିୟାକୁ ଭାବ ବିନିମୟ ପ୍ରକ୍ରିୟା କୁହାଯାଏ। ଆମର ଅନ୍ୟ ମାନଙ୍କ ସହ ଭାବ ବିନିମୟ ସମୟରେ କୌଣସି ସୂଚନା, ବିଚାର, କିମ୍ବା ମନୋବୃତ୍ତିକୁ ଜଣଙ୍କଠାରୁ ଅନ୍ୟ ଜଣଙ୍କ ପାଖରେ ପହଞ୍ଚାଇବା ପାଇଁ ଆମେ ଭାଷା ବ୍ୟବହାର କରୁ। ଯେତେବେଳେ ତୁମେ ତୁମର ସଂଗ ଅସୁସ୍ଥ ଅଛି ବୋଲି ଜାଣ, ତୁମେ ତାକୁ ତାର ସୁସ୍ଥତା ବିଷୟରେ ପଚାର ଏବଂ ତୁମେ ତାର ମଙ୍ଗଳ ପାଇଁ ଉତ୍କଣ୍ଠା ପ୍ରକାଶ କର। ଯେତେବେଳେ ତୁମେ ସାର୍ଟ କିଣିବା ପାଇଁ ଦୋକାନକୁ ଯାଅ ଦୋକାନି ତୁମକୁ କେଉଁ ରଙ୍ଗ ଭଲ ଦିଶୁଛି ମନ୍ତବ୍ୟ ଦେଇପାରେ। ତେଣୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଘଟୁଥିବା ଭାବ ବିନିମୟ ଏକ ବ୍ୟକ୍ତିଗତ ପ୍ରକ୍ରିୟା। ଏହା ଶବ୍ଦ ଓ ଆଚରଣ ଦ୍ୱାରା ଆମର ଚିନ୍ତାଧାରା ଓ ପ୍ରକ୍ଷୋଭକୁ ପ୍ରକାଶ କରିବା ପାଇଁ ଅନୁମତି ଦେଇଥାଏ ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିଥାଏ।

ବ୍ୟକ୍ତିମାନଙ୍କୁ ସୂଚନା ଯୋଗାଇ ନିଷ୍ପତ୍ତି କରଣକୁ ସୁଗମ କରିବା ଦ୍ୱାରା ସେମାନଙ୍କୁ ନିୟନ୍ତ୍ରଣ ଓ ଅଭିପ୍ରେରିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ଭାବ ବିନିମୟ ପ୍ରକ୍ରିୟା।

୧୪.୨ ଭାବ ବିନିମୟର ଉପାଦାନ

ଭାବ ବିନିମୟର ମୁଖ୍ୟ ଉପାଦାନ ଗୁଡିକ ହେଲା :

(୧) ଭାବ ବିନିମୟ ଏକ ଦ୍ୱିପାକ୍ଷିକ ପ୍ରକ୍ରିୟା: ଏଥିରେ ଜଣେ ପ୍ରେରକ ଏବଂ ଜଣେ ଗ୍ରହଣକାରୀ ଅନ୍ତର୍ଭୁକ୍ତ। ଯେତେବେଳେ ତୁମେ ବାପାଙ୍କ ସଂଗେ କଥା ହୁଅ ଭାବ ବିନିମୟ ବ୍ୟକ୍ତିଗତ ସ୍ତରରେ ଥାଏ। ଯେତେବେଳେ ଜଣେ ଶିକ୍ଷକ ଛାତ୍ର ସମୂହ ସହିତ କଥା ହୁଏ, ଭାବ ବିନିମୟ ସମୂହ ସ୍ତରରେ ଥାଏ।

(୨) ସେଥିରେ ନିଶ୍ଚିତ ଏକ ବାର୍ତ୍ତା ଥାଏ: ସୂଚନାଟି ଏକ ବାର୍ତ୍ତା, ନିର୍ଦ୍ଦେଶ, ବିଚାର, ଅନୁଭବ କିମ୍ବା ମତାମତର ରୂପ ନେଇଥାଏ।

(୩) ସାର୍ବଜନୀନ ବୁଝାମଣା: ଯେତେବେଳେ ପ୍ରେରକ ଓ ଗ୍ରହଣକାରୀ ମଧ୍ୟରେ ସମାନ ବୁଝାମଣା ରହିବ ସେତେବେଳେ ହିଁ ଭାବ ବିନିମୟ ହୋଇପାରିବ। ସେମାନଙ୍କ ମଧ୍ୟରେ ସଂସ୍କୃତିଗତ, ଭାଷାଗତ କିମ୍ବା ପରିବେଷ୍ଟନୀଗତ ସମାନତା ଥାଇପାରେ। ଶବ୍ଦ, ବାକ୍ୟାଂଶ, ରୁଢ଼ି, ଅଙ୍ଗଭଙ୍ଗୀ, ନିତିବାକ୍ୟ ଭାବ ବିନିମୟ ପାଇଁ ସାଧାରଣ ମୌଳିକ ଉପାଦାନ।

(୪) ଅନ୍ୟ ବ୍ୟକ୍ତିର ବ୍ୟବହାରରେ ପରିବର୍ତ୍ତନ ଆଣିବା: ସୂଚନା ଗ୍ରହଣକାରୀ ପାଖରେ ପହଞ୍ଚିବା ପରେ ଏହା ଗ୍ରହଣକାରୀର ବ୍ୟବହାରରେ କିଛି ପରିବର୍ତ୍ତନର ପ୍ରତିକ୍ରିୟା ଆଣିଥାଏ। ଉଦାହରଣ ସ୍ୱରୂପ, ଯେଉଁ ସମୟରେ ତୁମେ ଶୁଣ ଯେ, ଘରେ ନିଆଁ ଲାଗିଯାଇଛି ବୋଲି ତୁମେ ଅନ୍ୟ ମାନଙ୍କ ସହ ବାହାରକୁ ଦୌଡି ଆସ।

(୫) ସୂଚନା ପ୍ରଦାନ ପଦ୍ଧତି: ଶବ୍ଦ, ଅଙ୍ଗଭଙ୍ଗୀ ଅଭିବ୍ୟକ୍ତି ଇତ୍ୟାଦି ଦ୍ୱାରା ସୂଚନା ପ୍ରଦାନ କରାଯାଏ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୪.୧ ଏବଂ ୧୪.୨

୧. ନିମ୍ନଲିଖିତ ବାକ୍ୟ ମଧ୍ୟରୁ କେଉଁଟି ଠିକ୍ ନୁହେଁ।

(କ) ଭାବ ବିନିମୟ ଏକ ଧାରାବାହିକ ପ୍ରକ୍ରିୟା।

(ଖ) ଆମେ ଶବ୍ଦ ଦ୍ୱାରା ଭାବ ବିନିମୟ କରିପାରିବା।

(ଗ) ଆମେ ଅଙ୍ଗଭଙ୍ଗୀ ଦ୍ୱାରା ଭାବବିନିମୟ କରିପାରିବାନାହିଁ।

(ଘ) ସ୍ୱର ଏବଂ ଅଭିବ୍ୟକ୍ତି ଦ୍ୱାରା ଆମେ ପ୍ରକାଶ କରିପାରିବାନାହିଁ।

୨. ଭାବ ବିନିମୟର ମୂଖ୍ୟ ଉପାଦାନ ଗୁଡିକୁ ବର୍ଣ୍ଣନା କର।

୧୪.୩ ଭାବ ବିନିମୟର ପ୍ରକରଣ

ଭାବ ବିନିମୟକୁ ବ୍ୟାପକରେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ସେମାନେ ହେଲେ : -

୧. ବାଚନିକ ଭାବ ବିନିମୟ

୨. ଅଣବାଚନିକ ଭାବ ବିନିମୟ

ବାଚନିକ ଭାବ ବିନିମୟ: ଦୁଇ ବା ତତୋଧିକ ବ୍ୟକ୍ତିଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ଶବ୍ଦ ମାଧ୍ୟମରେ ହେଲେ ତାହାକୁ ବାଚନିକ ଭାବ ବିନିମୟ କୁହାଯାଏ। ଏହା କଥାରେ କିମ୍ବା ଲିଖିତ ଆକାରରେ ହୋଇପାରେ। ବାଚନିକ ଭାବ ବିନିମୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ପରସ୍ପରିକକ୍ରିୟା ଯଥା ସୂଚନା ଏବଂ ନିର୍ଦ୍ଦେଶର ସଂଚ଼ାର କରେ। ଏହା ଜୀବନର ପ୍ରଧାନ ଆବଶ୍ୟକତା। ଗବେଷକମାନେ ଲକ୍ଷ୍ୟ କରିଛନ୍ତି ଯେ ଜଣେ ଲୋକ ହାରାହାରି ୧୦ରୁ ୧୧ ଘଣ୍ଟା ପ୍ରତିଦିନ ପଢ଼ି, ଲେଖି, କହି କିମ୍ବା ଶୁଣି ବାଚନିକ ଭାବ ବିନିମୟରେ ସମୟ କଟାଏ। କଥୋପକଥନ, ଭାଷଣ, ଚିଠି, ସମ୍ବାଦ ପତ୍ର, ପତ୍ରିକା, ଟେଲିଫୋନ ଦ୍ୱାରା କଥପୋକଥନ ଇତ୍ୟାଦି କେତେକ ସାଧାରଣ ପ୍ରକାରର ବାଚନିକ ଭାବ ବିନିମୟ ପ୍ରକ୍ରିୟା।

ଅଣବାଚନିକ ଭାବ ବିନିମୟ : ଏହା ଆଗ୍ରହର କଥା ଯେ, ଆମର ଭାବ ବିନିମୟରେ ଅଣବାଚନିକ ବା ଶରୀର ଭାଷା ଶତକଡା ୭୦ ଭାଗ ବ୍ୟବହୃତ ହେଉଥିବା ବେଳେ ବାଚନିକ ଭାବବିନିୟ ଶତକଡା ୧୦ଭାଗ ହୋଇଥାଏ। ତେଣୁ ମନୁଷ୍ୟର ପାରସ୍ପରିକ କ୍ରିୟାରେ ଅଣବାଚନିକ ଭାବ ବିନିମୟ ଅତି ଗୁରୁତ୍ୱପୂର୍ଣ୍ଣ। ଅଙ୍ଗଭଙ୍ଗୀ, ଚକ୍ଷୁମୀଳନ, ମୁଖଭାବ, ଶରୀର ଗତିଶୀଳତା ଇତ୍ୟାଦି ଅଣବାଚନିକ ଭାବ ବିନିମୟର କେତେକ ପନ୍ଥା। ଅଣବାଚନିକ ଭାବ ବିନିମୟ ସାହାଯ୍ୟରେ:

- ବାଚନିକ ଭାବବିନିମୟ ଠାରୁ ଅଧିକ ପ୍ରଭାବ ସୃଷ୍ଟି ହୋଇପାରେ।
- କୁହାଯାଇଥିବା କଥାକୁ ବଳବତ୍ତର ରଖେ।
- ଆମର ଆବେଗ ଏବଂ ଅର୍ନ୍ତବୈକ୍ତିକ ମନୋବୃତ୍ତିକୁ ପ୍ରକାଶ କରିବାରେ ସାହାଯ୍ୟ କରେ।
- ଆମର ଶକ୍ତି, ଅନୁରାଗ, ଆଧିପତ୍ୟ, ସମ୍ମାନ ଇତ୍ୟାଦିକୁ ବ୍ୟକ୍ତକରିବାରେ ସାହାଯ୍ୟ କରେ।
- ଅନ୍ୟମାନଙ୍କ ସହ ପାରସ୍ପରିକ କ୍ରିୟାକୁ ପରିଚ଼ାଳିତ ଓ ନିୟନ୍ତ୍ରଣ କରେ।
- ଆତ୍ମ-ପ୍ରଦର୍ଶନ ପାଇଁ ଅନୁମତି ଦିଏ।

ଅଣବାଚନିକ ଭାବ ବିନିମୟର ବିଭିନ୍ନ ମାର୍ଗ ରହିଛି। ଯାହା ହେଉ, ଏହା ଆମର ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ, ଅଣବାଚନିକ ଭାବ ବିନିମୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଥାଏ। ତେଣୁ ଏହାକୁ ସଂସ୍କୃତି ଅନୁଯାୟୀ ବୁଝିବା ଦରକାର। ଶରୀର ଭାଷା ଶାରିରୀକ ବା ଅଙ୍ଗ ଗତି ସହ ସଂପୃକ୍ତ। କିନ୍ତୁ ସ୍ଥିର ଦୃଷ୍ଟି ବା ଚକ୍ଷୁ ମିଳନ ଚକ୍ଷୁ ସହିତ ସଂପୃକ୍ତ (ସ୍ଥିର ଦୃଷ୍ଟି ବା ଚକ୍ଷୁ ଚଳନ)।

ଭୌତିକ ସରମିପ୍ୟତାରେ ବ୍ୟକ୍ତିମାନଙ୍କ ମଧ୍ୟରେ ବ୍ୟବହୃତ ହେଉଥିବା ସାମାଜିକ ଦୂରତା ସଂପୃକ୍ତ ଅଟେ। ନିମ୍ନଲିଖିତ ପ୍ରକାରର ଦୂରତା ବିଭିନ୍ନ ପରିସ୍ଥିତିରେ କଳନା କରାଯାଇଛି। ଆନ୍ତରିକ ଦୂରତା (୦-୧୮ଇଞ୍ଚ), ବ୍ୟକ୍ତିଗତ ସ୍ଥାନ ବା ଅନୌପଚ଼ାରିକ ଦୂରତା (୧୮ଇଞ୍ଚ-୪ଫୁଟ୍), ସାମାଜିକ ଦୂରତା ବା ଔପଚ଼ାରିକ ଦୂରତା (୪ଫୁଟ୍-୧୨ଫୁଟ୍), ଏବଂ ସାର୍ବଜନୀନ ଦୂରତା (୧୨ଫୁଟରୁ ଉର୍ଦ୍ଧ୍ୱ)। ସ୍ପର୍ଶ ଭାବ ବିନିମୟର ଅନ୍ୟତମ ମାର୍ଗ କହିଲେ ତ୍ୱକ ସଂବେଦାନ୍ୱେଷିକୀ (Haptics) କୁ ବୁଝାଏ ଯାହା ସଂସ୍କୃତିରୁ ସୃଷ୍ଟ। ସାଧାରଣତଃ ଉତ୍ତର ଆମେରିକୀୟମାନେ ଏବଂ ଉତ୍ତର ୟୁରୋପୀୟ ମାନେ କମ୍ ସ୍ପର୍ଶ କରନ୍ତି। କିନ୍ତୁ ଭୂମଧ୍ୟସାଗରସ୍ଥ ଏସୀୟମାନେ ଏବଂ ମଧ୍ୟ ପୂର୍ବ ଦେଶୀୟ ସଂସ୍କୃତିରେ ସାମାଜିକ ସ୍ପର୍ଶ ବହୁଳ ବ୍ୟବହୃତ ହୁଏ।



ଚିତ୍ର ୧୪.୨ ଅଣବାଚନିକ ଭାବବିନିମୟ

ତୁମେ ଜାଣିଛ କି ?

ଚକ୍ଷୁ ମିଳନ

- ପ୍ରତ୍ୟେକ୍ଷ ଚକ୍ଷୁ ସଂଯୋଗ ଆସ୍ଥାର ସୂଚନା ଦିଏ।
- ନିମ୍ନକୁ ଚାହିଁବା ଦ୍ୱାରା ସମ୍ମାନ ପ୍ରଦର୍ଶନ କରିବା, ଯତ୍ନ ସହକାରେ ଶୁଣିବା ବା ଦୋଷୀଭାବନାର ସୂଚନା ମିଳେ।
- ଗୋଟିଏ ଭ୍ରୁଲତା ଉଠାଇବା ସନ୍ଦେହର ସୂଚନା ଦିଏ।
- ଦୁଇ ଭ୍ରୁଲତା ଉଠାଇବା ପ୍ରଂଶସା ଓ ବିସ୍ମୟର ସୂଚନା ଦିଏ।

ଅଙ୍ଗଭଙ୍ଗୀ

- ସାମାନ୍ୟ ଦୃଢ଼ତାସହକାରେ ସିଧାସଳଖ ଠିଆହେବା ଏବଂ ସାମାନ୍ୟ ଭାବେ ଆଗକୁ ଢ଼ଳିପଡିବା ସୂଚନା ଦିଏ ଯେ ବ୍ୟକ୍ତି ଜଣକ ସହଜ ଗମ୍ୟ (ଯାହା ପାଖକୁ ସହଜରେ ଯାଇ କୌଣସି ଅନୁରୋଧ କରା ଯାଇପାରେ), ଗ୍ରହଣମୁଖୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ।
- ପରସ୍ପର ମୁହାଁ ମୁହିଁ ହେବା ଅର୍ନ୍ତବୈକ୍ତିକ ଆନ୍ତରିକତାର ସୂଚନା ଦିଏ।

ମୁଖ ମଣ୍ଡଳର ଭାବ

- ହସ ଏକ ଶକ୍ତିଶାଳୀ ସଂକେତ ଯାହା ଖୁସି, ବନ୍ଧୁତା, ଆନ୍ତରିକତା, ପସନ୍ଦ ଓ ନିଜର କରିବାର ସୂଚନା ଦିଏ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୪.୩

ଶୂନ୍ୟସ୍ଥାନ ପୂରଣ କର:

୧. ପଢ଼ିବା, କହିବା, ଲେଖିବା ବା ଶୁଣିବା ______________ର ଉଦାହରଣ।

୨. ଅଙ୍ଗଭଙ୍ଗୀ, ଚକ୍ଷୁ ମିଳନ, ମୁଖମଣ୍ଡଳର ଭାବ, ଭଙ୍ଗୀମା ଏବଂ ଶରୀର ଅଭି ବିନ୍ୟାଶ, ଦୂରତା ଭାବ ବିନିମୟର ______________ ପନ୍ଥା।

୩. ଅଣବାଚନିକ ଭାବ ବିନିମୟର ଚାରୋଟି ମୁଖ୍ୟ ପନ୍ଥା ଗୁଡ଼ିକ ______________, ______________, ______________, ______________ ଅଟନ୍ତି।

୪. ତ୍ୱକ ସଂବେଦାନ୍ୱେଷିକୀ ______________ କୁ ବୁଝାଏ ଏବଂ ଏହା ସଂସ୍କୃତିରୁ ସୃଷ୍ଟ।

କାର୍ଯ୍ୟ-୧

ଭାବବିନିମୟର କ୍ରୀଡ଼ା: ସକ୍ରିୟ ଶ୍ରବଣ

ସକ୍ରିୟ ଶ୍ରବଣ ଭାବ ବିନିମୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସକ୍ରିଅଶବଣ ସମ୍ୱନ୍ଧରେ ସଂକେତ କିଛି ପାଇଁ ଏହି ଖେଳକୁ ଖେଳ। ନିଜର ଭାବ ବିନିମୟ ପ୍ରଣାଳୀକୁ ବୁଝ, ଜଣେ ସକ୍ରିୟ ଶ୍ରୋତା ହୁଅ, ଏବଂ ସଠିକ୍ ଫଳାଫଳ ଦିଅ।

୧. ୪-୬ ଜଣ ବ୍ୟକ୍ତିଙ୍କୁ ନେଇ ଏକ ଦଳ ତିଆରି କର। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ କ୍ରମିକ ନମ୍ବର ଦିଅ।

୨. ଗୋଟିଏ କାଗଜ ଉପରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଲେଖାଏଁ ବାକ୍ୟ ଲେଖନ୍ତୁ।

୩. ୧ନମ୍ବର ବ୍ୟକ୍ତି ଯେ କୌଣସି ଗୋଟିଏ କାଗଜ ଉଠାଇ ଏବଂ ବାକ୍ୟଟିକୁ ପଢୁ।

୪. ୧ ନମ୍ବର ବ୍ୟକ୍ତି ୨ ନମ୍ବର ବ୍ୟକ୍ତିକୁ ଫୁସ୍ ଫୁସ୍ କରି ବାକ୍ୟଟିକୁ କହୁ, ଏହିପରି କ୍ରମାନ୍ୱୟରେ ବାକ୍ୟଟି ପୁଣି ୧ନମ୍ବର ବ୍ୟକ୍ତି ପାଖରେ ପହଞ୍ଚିବା ପର୍ଯ୍ୟନ୍ତ କରିଚାଲ। ବର୍ତ୍ତମାନ ୧ନମ୍ବର ବ୍ୟକ୍ତି ବଡ ପାଟିରେ କାଗଜରେ ଲେଖାଯାଇଥିବା ବାକ୍ୟଟିକୁ ବଡ ପାଟିରେ ପଢୁ।

୫. ଦୟାକରି ଲକ୍ଷ୍ୟକର, ବାର୍ତ୍ତା (ବାକ୍ୟ) ଟି ଅବିକଳ ସମାନ ଅଛି କି? ଏହା ପରିବର୍ତ୍ତନ ହୋଇଛି କି? ପରିବର୍ତ୍ତନ ଗୁଡିକ କ'ଣ?

ଏହି କ୍ରିୟାକଳାପ ଦର୍ଶାଇଥାଏ ଯେ, ବାଚନିକ ଭାବ ବିନିମୟ ବାର୍ତ୍ତାକୁ ବଦଳାଇ ଦିଏ ଏବଂ ଦୂରକୁ ବାର୍ତ୍ତାଗଲେ ତାହା ଶେଷ ବ୍ୟକ୍ତି ପାଖରେ ପହଞ୍ଚିଲା ବେଳକୁ ବିକୃତ ହୋଇଯାଇଥାଏ। ଏହାର କାରଣ ହେଲା ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଭାବବିନିମୟ ପ୍ରଣାଳୀ ଥାଏ, ଭିନ୍ନ ଭିନ୍ନ ଚିନ୍ତନ ପ୍ରକ୍ରିୟା ଥାଏ ଏବଂ ବାର୍ତ୍ତାକୁ ବାଖ୍ୟାକରିବା ପ୍ରଣାଳୀ ମଧ୍ୟ ଭିନ୍ନ ଭିନ୍ନ ହୋଇ ଥାଏ।

୧୪.୪ ଫଳପ୍ରଦ ଭାବ ବିନିମୟ

ତୁମେ ଶିକ୍ଷା କଲ ଯେ, କିପରି ବାଚନିକ ଓ ଅଣବାଚନିକ ଭାବ ବିନିମୟର ଆମ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା କ୍ଷେତ୍ରରେ, ବୃତ୍ତି କ୍ଷେତ୍ରରେ, ତା ସହିତ ପାରସ୍ପରିକ ସଂପର୍କର ଉନ୍ନତି ପାଇଁ ଅନ୍ୟ ମାନଙ୍କ ସହିତ ସଫଳ ଭାବ ବିନିମୟ ନିତାନ୍ତ ଜରୁରୀ। ସମୟ ସମୟରେ ଆମକୁ ଆଂଶିକ ବା ପୂର୍ଣ୍ଣ ମାତ୍ରାରେ ଭୁଲ୍

ବୁଝାଯାଏ । ଉଭୟ କ୍ଷେତ୍ରରେ ଭାବବିନିମୟର ଲକ୍ଷ୍ୟ ବ୍ୟର୍ଥ ହୋଇଥାଏ । ତେଣୁ ଭାବ ବିନିମୟକୁ ସଫଳ କରିବା ପାଇଁ ଆମେ ଚାଲ କେତେକ ବିଷୟ ପ୍ରତି ଦୃଷ୍ଟି ଦେବା ଯାହାକି ଆମେ ମନେ ରଖିବା ଦରକାର ।

ସଫଳ ଭାବ ବିନିମୟ ସମ୍ବନ୍ଧରେ ଶିକ୍ଷା କରିବା ପୂର୍ବରୁ ଆମେ ଚାଲ ବୁଝିବା କେତେକ ପ୍ରତିବନ୍ଧକ ବିଷୟରେ ଯାହାକି ଫଳପ୍ରଦ ଭାବବିନିମୟରେ ବାଧା ସୃଷ୍ଟିକରେ । ପ୍ରାୟତଃ ବାର୍ତ୍ତାରେ ବିକୃତି ଘଟେ, ଉଦାହରଣ ସ୍ୱରୂପ, କେତେକ ବ୍ୟକ୍ତି ତାଙ୍କର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ତଥ୍ୟ ପରିବର୍ତ୍ତନ କରି କଥା କହିଦିଅନ୍ତି । ଲୋକମାନେ ମଧ୍ୟ ସେମାନଙ୍କର ପ୍ରତ୍ୟକ୍ଷ କ୍ରିୟା କ୍ଷେତ୍ରରେ ଚୟନାତ୍ମକ । ଯାହା ସେମାନେ ଦେଖନ୍ତି ବା ଶୁଣନ୍ତି ତାହା ସେମାନଙ୍କର ଆବଶ୍ୟକତା, ପ୍ରକ୍ଷୋଭ, ଅନୁଭୂତି ଏବଂ ବ୍ୟକ୍ତିଗତ ଗୁଣ ଉପରେ ଆଧାରିତ । ସଂବାଦର ସଂକେତ ଭେଦ କରିବା ସମୟରେ ଲୋକମାନେ ସେମାନଙ୍କର ଆଗ୍ରହ ଏବଂ ଆଶାକୁ ପ୍ରକ୍ଷେପ କରିପାରନ୍ତି । ଆସୁଥିବା ସୂଚନାର ପକ୍ରିୟାକରଣ କରିବାରେ ସେମାନଙ୍କର ସୀମିତ ସାମର୍ଥ୍ୟ ଥାଏ । ଯେତେବେଳେ ସୂଚନା ଅତ୍ୟଧିକ ହୋଇଯାଏ, ବ୍ୟକ୍ତି ଭାରକ୍ରାନ୍ତ ହୋଇଯାଏ । ତେଣୁ ଲୋକମାନେ ସୂଚନାକୁ ବାଛନ୍ତି, ଅଗ୍ରାହ୍ୟ କରନ୍ତି, ସୂଚନାକୁ ଭୂଲି ଯାଆନ୍ତି ବା ଅନ୍ୟପାଖକୁ ପ୍ରେରଣ କରନ୍ତି । ଅଧିକନ୍ତୁ, ଆମର ଆବେଗିକ ଅବସ୍ଥାରେ, ଯଥା : ଦୁଃଖ, ରାଗ ସମୟରେ କେତେକ ସୂଚନାକୁ ଭୁଲିଯାଉ ବା ଛାଡିଦେଉ । ଶେଷରେ, ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଶବ୍ଦର ଭିନ୍ନଭିନ୍ନ ଅର୍ଥ ଥାଏ । ବୟସ, ଲିଙ୍ଗ, ଏବଂ ସାଂସ୍କୃତିକ ପୃଷ୍ଠପଟ୍ଟ ଭାଷାର ବ୍ୟବହାରକୁ ପ୍ରଭାବିତ କରେ ।

୧୪.୫ ଫଳପ୍ରଦ ଭାବ ବିନିମୟର ରୂପରେଖ

ସଫଳ ଭାବବିନିମୟର କେତେକ ଅଭିଲକ୍ଷଣ ଗୁଡିକ ହେଉଛନ୍ତି:

(କ) ସାଧାରଣ ପ୍ରସଙ୍ଗ: ପ୍ରେରକ ଏବଂ ଗ୍ରାହକ ପରସ୍ପର ମଧ୍ୟରେ ସାଧାରଣ ବୁଝାମଣା ସ୍ତର ଦେଇ ଭାବ ଆଦାନ ପ୍ରଦାନ କରିବା ଉଚିତ୍ । ଜଣେ ମାଆ ତାର ପିଲାଙ୍କୁ କଥା କହିବା ସମୟରେ ଯେଉଁ ଶବ୍ଦ ବ୍ୟବହାର କରେ ତାହା ପିଲାର ଶବ୍ଦାବଳୀରେ ଥାଏ । ଉଦାହରଣ ହେଉଛି ପିଲା ଦୁଷ୍ଟାମୀ କରିବା ସମୟରେ ନିନ୍ଦା କିମ୍ବା ପିଲାର ଦେହ ଖରାପବେଳେ ବ୍ୟସ୍ତତାର ସ୍ୱର । କିନ୍ତୁ ତାର ଭଉଣୀ ସହିତ କଥା ହେବା ସମୟରେ ପରିସ୍ଥିତି ଅନୁସାରେ ବିଭିନ୍ନ ଶବ୍ଦ, ବାକ୍ୟାଂଶ ଏବଂ ସ୍ୱର ବ୍ୟବହାର କରେ । ତେଣୁ ସଫଳ ଭାବ ବିନିମୟ ପାଇଁ ଏକ ସାଧାରଣ ବୁଝାମଣା ସ୍ତର ଆବଶ୍ୟକ ।

(ଖ) ପରସ୍ପର ସ୍ୱାର୍ଥ: ଭାବ ବିନିମୟର ବିଷୟବସ୍ତୁରେ ଗ୍ରାହକ ଓ ପ୍ରେରକ ର ସ୍ୱାର୍ଥ ରହିବା ଦରକାର । ଷ୍ଟକ୍ ମାର୍କେଟ୍ କିପରି କାର୍ଯ୍ୟ କରୁଛି ସେଥିରେ ଗୋଟିଏ ଚାଷୀର କୌଣସି ଆଗ୍ରହ ନଥାଏ, ତାର ଆଗ୍ରହ ଥାଏ ମଞ୍ଜି ଓ ଖତର ଗୁଣ ଉପରେ ଏବଂ ଫସଲ ଉପରେ ପାଣିପାଗର ପ୍ରଭାବ ଇତ୍ୟାଦିରେ ।

(ଗ) ସାଧାରଣ ଭାଷା: ବାଚନିକ ଭାବ ବିନିମୟର ଭାଷା ହେଉଛି ଶକ୍ତିଶାଳୀ ମାଧ୍ୟମ । ଏକ ସାଧାରଣ ଭାଷା ସଫଳ ଭାବ ବିନିମୟକୁ ନିଶ୍ଚିତ କରେ । କାରଣ ଏହା ଶବ୍ଦ, ବାକ୍ୟାଂଶ, ବାକ୍‌ପଦ୍ଧତି, ନିତିବାକ୍ୟର ଭୂଲ ବୁଝାମଣାକୁ ନିଶ୍ଚୟ ହ୍ରାସ କରିଥାଏ ।

(ଘ) ସାଧାରଣ ପରିବେଷ୍ଟନୀ: ସମାନ ପୃଷ୍ଠଭୂମିରୁ ଆସିଥିବା ବ୍ୟକ୍ତିମାନେ ବାର୍ତ୍ତାକୁ ଅତିବେଶୀ ଅସୁବିଧା ବିନା ବୁଝିପାରନ୍ତି । ତେଣୁ, ସମାନ ଜାତୀୟତା, ଅର୍ଥନୈତିକ ଅବସ୍ଥା, ସଂସ୍କୃତି, ସାମାଜିକ ସ୍ୱାର୍ଥ, ବୟସ ଏବଂ ବୃତ୍ତି ଇତ୍ୟାଦି ହେଉଛନ୍ତି ଏହାର ଉଦାହରଣ । ତୁମେ ଅନ୍ୟ ସାଧାରଣ ପ୍ରସଙ୍ଗ ମାନଙ୍କର ଏକ ତାଲିକା ପ୍ରସ୍ତୁତ କରିପାରିବ କି ? ନିଜ ଧର୍ମ, ଶ୍ରେଣୀ ବା ସହରର ଲୋକଙ୍କ ସହିତ କଥାବାର୍ତ୍ତା କରିବା କେତେ ସହଜ ତାହା ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ।

ଭାବ ବିନିମୟ

କିପରି ବାଚନିକ ଭାବ ବିନିମୟକୁ ଅଧିକ ଫଳପ୍ରଦ କରିହେବ ସେ ସଂକ୍ରାନ୍ତରେ କେତେକ ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦାନ କରାଗଲା:

- ପଢ଼ି ଏବଂ ଶୁଣି ଭାଷା ଉନ୍ନତ କର।
- ସ୍ୱର ପରିବର୍ତ୍ତନ, ସ୍ୱର ଏବଂ ଉଚ୍ଚାରଣ ଉପରେ କାର୍ଯ୍ୟ କର।
- ଚିନ୍ତାକରି କଥା କୁହ।
- ଶୀଘ୍ର ଓ ଅତି ଜୋର୍‌ରେ କଥା କୁହନାହିଁ।
- ଭିନ୍ନ ଭିନ୍ନ ସଂସ୍କୃତି ପାଇଁ ସଂବେଦନଶୀଳ ଶବ୍ଦ, ସଂକେତ ଏବଂ ପରିପ୍ରେକ୍ଷୀ ବିଷୟରେ ଶିକ୍ଷା କର।
- ବିଶେଷତଃ ଶରୀର ଭାଷାକୁ ଉନ୍ନତ କରିବା ନିମନ୍ତେ ସଂସ୍କୃତି, ଲିଙ୍ଗ ଏବଂ କ୍ଷମତା ସଂପନ୍ନ ବ୍ୟକ୍ତିଙ୍କ ଠାରୁ ଉପଯୁକ୍ତ ଦୂରତା ରଖ।
- ଯଦି ଦରକାର କିମ୍ୱା ଜରୁରୀ ତେବେ ସ୍ପର୍ଶ କର।
- ସାକ୍ଷାତ ସମୟରେ ଚକ୍ଷୁ ସଂଯୋଗ ଅବ୍ୟାହତ ରଖ, ଏବଂ ସଂବେଦନଶୀଳ ରୁହ ଯଦି ଏହି ଭାବ ବିନିମୟକୁ କୌଣସି ସଂସ୍କୃତି ଦ୍ୱାରା ଦବାଇ ଦିଆଯାଉଛି।
- ପ୍ରଦାନଯୋଗ୍ୟ ଏବଂ ନିର୍ଭରଶୀଳ ଦେଖାଯାଅ।

ଉଭୟ ବାଚନିକ ଓ ଅଣବାଚନିକ ଯୋଗାଯୋଗ ଭାବବିନିମୟର ଏକ ଶକ୍ତିଶାଳୀ ମାଧ୍ୟମ। ଯଦି ସଠିକ ଭାବରେ ଏବଂ ଯତ୍ନର ସହିତ ଏହା ବ୍ୟବହୃତ ହୁଏ, ତେବେ ଫଳପ୍ରଦ ଭାବବିନିମୟ ବାର୍ତ୍ତାକୁ ସଂଗେ ସଂଗେ ପ୍ରଦାନ କରେ। ବିଜ୍ଞାପନ ଦାତାମାନେ ସେମାନଙ୍କର କେତେକ ଉତ୍ପନ୍ନ ଦ୍ରବ୍ୟକୁ ଲୋକମାନେ କ୍ରୟକରିବା ନିମନ୍ତେ, ଫଳପ୍ରଦ ଭାବ ବିନିମୟ ପଦ୍ଧତି ବ୍ୟବହାର କରନ୍ତି। ତୁମେ ଲକ୍ଷ୍ୟ କରିଛକି କିପରି ଆମକୁ କାର, ସାବୁନ, ମୋଟର ସାଇକେଲ୍ ବା ପୋଷାକ ଇତ୍ୟାଦି କିଣିବା ପାଇଁ ବିଜ୍ଞାପନରେ ସୁପରିଚିତ ବ୍ୟକ୍ତିତ୍ୱ, ଦୃଶ୍ୟ, କଥିତ କିମ୍ୱା ଲିଖିତ ଶବ୍ଦ ଏବଂ ସଙ୍ଗୀତ ବ୍ୟବହାର କରି ପ୍ରଭାବିତ କରାଯାଏ ? "ଥଣ୍ଡା ମତଲବ୍ କୋକାକୋଲା" "ଦାଗ୍ ଅଚ୍ଛେହେଁ", "ଧୁଣ୍ଡତେ ରହ ଜାଓଗେ" ପରି କେତେକ ଶବ୍ଦାଳଙ୍କାର ତୁମର ମନେ ପଡୁଛି କି ?

ପରସ୍ପର ମଧ୍ୟରେ ଭାବାର୍ଥର ଆବଣ୍ଟନକୁ ଭାବବିନିମୟ ପ୍ରକ୍ରିୟା କୁହାଯାଏ। ଅଣବାଚନିକ ଭାବବିନିମୟରେ ଅର୍ଥ ନିରୂପଣକୁ ନେଇ ଗୋଟିଏ ସଂସ୍କୃତି ଓ ଅନ୍ୟ ସଂସ୍କୃତି ମଧ୍ୟରେ ପାର୍ଥକ୍ୟ ଦେଖାଯାଏ। କୁହାଯାଏ ଯେ, ଭାବ ବିନିମୟରେ ଶତକଡା ୭ରୁ ୩୫ଭାଗ ହେଉଛି କଥିତ ଭାଷା। ଆମେ ଅଧିକାଂଶ ଭାବ ବିନିମୟ ଅଣବାଚନିକ ପ୍ରକ୍ରିୟା ଦ୍ୱାରା କରିଥାଉ। ଯେତେବେଳେ କଥିତ ଭାଷା ସ୍ପଷ୍ଟ ହୁଏ ନାହିଁ ଆମେ ଅଧିକ ସୂଚନା ପାଇବାପାଇଁ ଅଣବାଚନିକ ସଙ୍କେତ ଖୋଜିଥାଉ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୪.୪ ଏବଂ ୧୪.୫

୧. ନିମ୍ନଲିଖିତ ବାକ୍ୟଗୁଡିକ ମଧ୍ୟରୁ କେଉଁଟି 'ଠିକ୍' ବା 'ଭୁଲ' ଦର୍ଶାଅ:

କ. ଆମର ଅଧିକାଂଶ ଭାବ ବିନିମୟ ଅଣବାଚନିକ ପ୍ରକ୍ରିୟା ମାଧ୍ୟମରେ ହୋଇଥାଏ।

ଖ. ଲୋକମାନଙ୍କର ସୂଚନାକୁ ଗ୍ରହଣ ଓ ପ୍ରକିୟାକରଣ କରିବା ପାଇଁ ଅସୀମିତ ଦକ୍ଷତା ଥାଏ।

ଗ. ଭାଷାର ବ୍ୟବହାର ବୟସ, ଲିଙ୍ଗ ଏବଂ ସାଂସ୍କୃତିକ ଭିତ୍ତିଭୂମି ଦ୍ୱାରା ପ୍ରଭାବିତ ହୋଇଥାଏ।

ଟିପ୍ପଣୀ

ଘ. ଭାବ ବିନିମୟର ବିଷୟ ବସ୍ତୁରେ ଉଭୟ ପ୍ରେରକ ଏକ ଗ୍ରାହକର ସ୍ୱାର୍ଥ ନିହିତ ଥିବା ଦରକାର।

ଙ. ଶିଘ୍ର କଥା କହି ଭାବ ବିନିମୟକୁ ଫଳପ୍ରଦ କରାଯାଇପାରେ।

୨. ଫଳପ୍ରଦ ଭାବବିନିମୟର ମୁଖ୍ୟ ବୈଶିଷ୍ଟ୍ୟକୁ ବର୍ଣ୍ଣନା କର।

୧୪.୬ ଭାରତୀୟ ପୃଷ୍ଠଭୂମିରେ ଅଣବାଚନିକ ଭାବବିନିମୟ

ଯେହେତୁ ଅଣବାଚନିକ ଭାବବିନିମୟ ଦୈନନ୍ଦିନ ଜୀବନରେ ବ୍ୟବହୃତ ହୁଏ, ଯେ କୌଣସି ସଂସ୍କୃତିରେ ଏହାର ପ୍ରକୃତି ବୁଝିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। କେତେକ ଅଣବାଚନିକ ସଂକେତ ସବୁ ସଂସ୍କୃତି ପାଇଁ ସମାନ ଥାଏ ଏବଂ ସେମାନେ ସମାନ ବାର୍ତ୍ତା ପ୍ରଦାନକରନ୍ତି। ଅଣବାଚନିକ ଭାବ ବିନିମୟ ଆମକୁ ଆମର ଅନ୍ୟମାନଙ୍କ ସହିତ ସଂପର୍କ ସମ୍ବନ୍ଧରେ, ବିଶେଷ କରି ଆମର ପସନ୍ଦ, ପଦବୀ, ବୟସ, ଲିଙ୍ଗ ସମ୍ବନ୍ଧରେ ତଥ୍ୟ ଦିଏ ଏବଂ ଆମର ପ୍ରକ୍ଷୋଭ ସମ୍ବନ୍ଧରେ ଜାଣିବା ପାଇଁ ମଧ୍ୟ ଏହା ଉପଯୁକ୍ତ। ଭାରତୀୟ ପୃଷ୍ଠଭୂମିରେ କେତେକ ଅଣବାଚନିକ ସଙ୍କେତର ସ୍ୱତନ୍ତ୍ର ସ୍ଥାନ ରହିଛି।

ଶରୀର ଭାଷା ଏବଂ ସଂଚଳନ ସମ୍ବନ୍ଧରେ ଚାଲ ବୁଝିବା। ଭାରତୀୟ ସଂସ୍କୃତିରେ ସ୍ୱାମୀ, ସ୍ତ୍ରୀଙ୍କ ଠାରୁ ସର୍ବସାଧାରଣରେ କିମ୍ବା ପରିବାର ବର୍ଗଙ୍କ ଉପସ୍ଥିତିରେ ପରସ୍ପର ପ୍ରତି ପ୍ରେମପୂର୍ଣ୍ଣ ବା ଅନ୍ତରଂଗ ଅଙ୍ଗଭଙ୍ଗୀ ଆଶା କରା ଯାଏନାହିଁ। ହାତ ଧରାଧରି ହେବା କିମ୍ବା ସ୍ୱାମୀଙ୍କ ଆଡକୁ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଅନାଇବା କ୍ରୋଧବ୍ୟଞ୍ଜକ ଦୃଷ୍ଟି ଅଟେ। ଅନ୍ୟ ସଂସ୍କୃତି ପରି ଭାରତୀୟ ସଂସ୍କୃତିର ଅଙ୍ଗଭଙ୍ଗୀ ଏବଂ ହସ୍ତ ଚାଳନା ଭିନ୍ନ ଧରଣର। ଯେତେବେଳେ ତୁମେ ଗୋଟିଏ ହାତ ମଣିବନ୍ଧକୁ ଖସାଇ ଘେରି ଆଣ ଏହା ପାରମ୍ପରିକ ହିନ୍ଦୁ ନାରୀର ଚୁଡିକୁ ଚିହ୍ନଟ କରିଥାଏ। ଯଦି ଏହା ଏକ ପୁରୁଷ ବ୍ୟକ୍ତି ସମ୍ମୁଖରେ କରାଯାଏ ତାହା ତାର ପୁରୁଷତ୍ୱକୁ ପ୍ରଶ୍ନକରେ ଏବଂ ତାକୁ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇଥାଏ।

କରମର୍ଦ୍ଦନ ଏକ ସାଧାରଣ ଘଟଣା। କିନ୍ତୁ ଏହା ପୁରୁଷ ପୁରୁଷ ମଧ୍ୟରେ କିମ୍ବା ମହିଳା ମହିଳା ମଧ୍ୟରେ ଦେଖାଯାଏ। ଜଣେ ପୁରୁଷ ଓ ଜଣେ ମହିଳା ମଧ୍ୟରେ କରମର୍ଦ୍ଦନକୁ ସାଧାରଣତଃ ପରିହାର କରାଯାଇଥାଏ। ଦିଲ୍ଲୀ ଏବଂ ମୁମ୍ବାଇ ଭଳି ସହରର ବ୍ୟବସାୟିକ ଜଗତରେ ପୁରୁଷ ଓ ମହିଳା କରମର୍ଦ୍ଦନ କରିବା ଏକ ଅତି ସାଧାରଣ ଘଟଣା। ତେଣୁ ପରସ୍ଥିତି ହିଁ ସଠିକ୍ ଅଣବାଚନିକ ଭାବ ବିନିମୟକୁ ନିର୍ଣ୍ଣୟ କରିଥାଏ।

ଅଣବାଚନିକ ଭାବବିନିମୟରେ ସାମାଜିକ କାରକ- ଭାରତୀୟ ମାନଙ୍କର ଉଚ୍ଚମାତ୍ରାର କ୍ଷମତା-ଦୂରତା ସୂଚନାଙ୍କ ରହିଛି। ଭାବବିନିମୟରେ ଅଧିକ୍ରମ, ପ୍ରଭୁତ୍ୱ ସ ବୟସ (ଗୁରୁଜନ) ପରି ସାଂସ୍କୃତିକ କାରକ ମାନଙ୍କର ନିର୍ଣ୍ଣୟାତ୍ମକ ଭୂମିକାକୁ ଏହି ସୂଚନାଙ୍କ ଦର୍ଶାଏ। ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଦୂରତ୍ୱ କେତେ ତାହା ଅନ୍ତର୍ବୈକ୍ତିକ ସମ୍ପର୍କ, ପଦବୀ, ବୟସ ଏବଂ ଲିଙ୍ଗ ନିର୍ଦ୍ଧାରଣ କରନ୍ତି ? ଉଚ୍ଚପଦବୀରେ ଥିବା ବ୍ୟକ୍ତି ନିମ୍ନସ୍ଥ ବ୍ୟକ୍ତିକୁ ପ୍ରତ୍ୟକ୍ଷଭାବରେ ଛୁଇଁପାରେ। କିନ୍ତୁ ନିମ୍ନ ପଦବୀରେ ଥିବା ବ୍ୟକ୍ତି ଉଚ୍ଚପଦବୀରେ ଥିବା ବ୍ୟକ୍ତି ସମ୍ମୁଖରେ ନତ ମସ୍ତକ ରେ ଓ ଯଥୋଚିତ ଦୂରତ୍ୱରେ ଠିଆ ହୁଏ ଯାହାକି ସମ୍ମାନର ସୂଚକ। ଉଦାହରଣ ସ୍ୱରୂପ, ନିଯୁକ୍ତଦାତା - କର୍ମଚାରୀ, ପିତା-ପୁତ୍ର ଏବଂ ବୋହୁ-ଶ୍ୱଶୁର ଘରର ବୟସ୍କ ବ୍ୟକ୍ତି। ସାଧାରଣତଃ ଶ୍ୱଶୁର ଘରର ପୁରୁଷମାନଙ୍କ ସହିତ ଆଖି ମିଳାଇ ମହିଳାମାନେ କଥାବାର୍ତ୍ତା କରିନଥାନ୍ତି। ପ୍ରାଚୀନ ରକ୍ଷଣଶୀଳ ପୃଷ୍ଠଭୂମିରୁ ଆସିଥିବା ମହିଳାମାନ ତାଙ୍କ ମୁଣ୍ଡରେ ଓଢ଼ଣା ପକାଇଥାନ୍ତି।

ଭାରତୀୟମାନେ ସେମାନଙ୍କର ବ୍ୟକ୍ତଗତ ସ୍ଥାନକୁ ଗୁରୁତ୍ୱଦେଇଥାନ୍ତି ଯାହାର ଆୟତନ ମାନକ ଅନୁସାରେ ପ୍ରାୟତଃ ଦେଢ଼ରୁ ଦୁଇ ମିଟର ଅଟେ। ତେବେ ପରିବାର ଓ ଘନିଷ୍ଠ ବନ୍ଧୁ ମାନଙ୍କ ମଧ୍ୟରେ ଭୌତିକ ଦୂରତ୍ୱ ଯଥେଷ୍ଟ କମ୍। ପରିବାରର ସଦସ୍ୟ ଓ ଘନିଷ୍ଠ ବନ୍ଧୁମାନଙ୍କ ଭିତରେ ସର୍ବସାଧାରଣରେ ସ୍ନେହପ୍ରକାଶ କରିବା,

ଭାବ ବିନିମୟ

ହାତଧରାଧରି ହେବା, ଆଲିଙ୍ଗନ କରିବା ପ୍ରାୟତଃ ସାଧାରଣ ଘଟଣା । ପରିବାର କିମ୍ବା ବନ୍ଧୁମେଳରୁ ବିଦାୟ ନେବା ସମୟରେ ପ୍ରତ୍ୟେକ ସଦସ୍ୟ ବ୍ୟକ୍ତିଗତଭାବେ ଅନ୍ୟମାନଙ୍କଠାରୁ ଶୁଭବିଦାୟ ନେବା ଆଶାକରାଯାଏ । ଭାରତର ଅଳ୍ପବୟସ୍କମାନେ ଅଭିବାଦନ କିମ୍ବା ବିଦାୟ ସମୟରେ ନଇଁ ପଡ଼ି ଗୁରୁଜନ ମାନଙ୍କର ପାଦ ସ୍ପର୍ଶ କରିଥାନ୍ତି ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୪.୬

୧. ଭାରତୀୟ ପରିପ୍ରେକ୍ଷୀରେ ଅଣବାଚନିକ ଭାବ ବିନିମୟକ୍ଷେତ୍ରରେ ସଂସ୍କୃତିର ଭୂମିକା ବର୍ଣ୍ଣନା କର ।

୧୪.୭ ଗଣମାଧ୍ୟମର ଭୂମିକା ଏବଂ ପ୍ରଭାବ

ବିଶାଳ ଶ୍ରୋତା ମଣ୍ଡଳୀ ନିକଟରେ ଚିନ୍ତାଧାରା, ସୂଚନା ଏବଂ ମତାମତ ପହଞ୍ଚାଇବା ପାଇଁ ଯାନ୍ତ୍ରିକ ମାଧ୍ୟମ ହେଉଛି ଗଣମାଧ୍ୟମ । ଆମେ ଏପରି ଏକ ସମାଜରେ ବାସ କରୁଛେ ଯେଉଁଠାରେ ସୂଚନା ଏବଂ ଯୋଗାଯୋଗ ଆମକୁ ଜୀବନର ବିଭିନ୍ନ କ୍ଷେତ୍ରରେ ଯଥା କାର୍ଯ୍ୟ, ସ୍ୱାସ୍ଥ୍ୟର ଯତ୍ନ, ଆମୋଦ ପ୍ରମୋଦ, ଶିକ୍ଷା, ଯାତ୍ରା ଏବଂ ବ୍ୟକ୍ତିଗତ ସଂପର୍କକୁ ଉନ୍ନତି କରିବାରେ ସାହାଯ୍ୟ କରେ । ଆମେ ସବୁଦିନ ସଖାଳୁ ଉଠି ଟି.ଭି.,ଖବର କାଗଜ କିମ୍ବା ଇଣ୍ଟରନେଟରେ ସମ୍ବାଦ ଦେଖୁ । ବଜାରରୁ କ'ଣ କିଣିବୁ ବିଜ୍ଞାପନ ଦେଖି ଆମେ ତା ଦ୍ୱାରା ପ୍ରଭାବିତ ହୋଇଥାଉ । ଶିଶୁ ଏବଂ ଯୁବଗୋଷ୍ଠିବେଶଭୂଷା, ଆଦର୍ଶ ଶରୀର ପ୍ରକାର, ଆଦର୍ଶ ସୌନ୍ଦର୍ଯ୍ୟର ରୂପକଳ୍ପ, ସହରୀ ଜୀବନ ଶୈଳୀ ସମ୍ବନ୍ଧୀୟ ଗଣମାଧ୍ୟମର ସୂଚନା ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥାଆନ୍ତି ।

ସକରାତ୍ମକ ପ୍ରଭାବ: ଗଣମାଧ୍ୟମର ସକରାତ୍ମକ ଭୂମିକା ରହିଛି । ଏହା ଉଭୟ ଶିକ୍ଷାପ୍ରଦାନକାରୀ ଓ ଆମ ଜୀବନର ସମୃଦ୍ଧକାରୀ ଅଟେ । ଏହା ଶିକ୍ଷାଗତ ତଥ୍ୟ ପ୍ରଦାନ କରେ ଏବଂ ଶୈକ୍ଷିକ କୃତିରେ ଉନ୍ନତି ଆଣେ । ଏହା ବିଭିନ୍ନ ତଥ୍ୟ ଓ ସମ୍ବାଦ (ଧର୍ମଗତ, ରାଜନୈତିକ, ସାମାଜିକ, ଆମୋଦ-ପ୍ରମୋଦ ଏବଂ ପାରିବେଶିକ) ସଂଗ୍ରହ କରି ସର୍ବସାଧାରଣରେ ପ୍ରସାରଣ କରେ । ସାକ୍ଷରତା ବୃଦ୍ଧି କିମ୍ବା ଚିକିତ୍ସା ବିଜ୍ଞାନର ଅଗ୍ରଗତି ସମ୍ବଳିତ ତଥ୍ୟ ପ୍ରଦାନ (ପ୍ରତିଷେଧକ, ପୋଲିଓ, ଶିଶୁ ଓ ମାଆର ସ୍ୱାସ୍ଥ୍ୟର ଯତ୍ନ, ବା ଏଡ଼୍ସ) ପରି ହିତକାରୀ ଉଦ୍ଦେଶ୍ୟର ସହାୟତା ନିମନ୍ତେ ଗଣମାଧ୍ୟମକୁ ବ୍ୟବହାର କରାଯାଇପାରେ । ଏହା ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧର ପ୍ରସାରଣ କରେ । ସରକାରୀ ନୀତି, କାର୍ଯ୍ୟାବଳୀ ଏବଂ ନୂତନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରିବାରେ ଗଣମାଧ୍ୟମର ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସର୍ବସାଧାରଣ ସେମାନଙ୍କର ସମସ୍ୟାକୁ ଉତ୍ଥାପିତ କରିବା ନିମନ୍ତେ ଏହା ସୁଯୋଗ ପ୍ରଦାନ କରି ଦେଶର ଗଣତନ୍ତ୍ରକୁ ବଜାୟ ରଖେ । ଲୋକମାନଙ୍କୁ ଜାଗୃତ କରି ସମାଜିକ ଐକ୍ୟ ସ୍ଥାପନକରିବାରେ ଗଣମାଧ୍ୟମ ସାହାଯ୍ୟ କରେ । ଖବରକାଗଜ, ରେଡ଼ିଓ, ଟେଲିଭିଜନର ସମ୍ବାଦ ଚ୍ୟାନେଲ ଏବଂ ଇଣ୍ଟରନେଟ୍‌ର ବ୍ୟବହାର ଦ୍ୱାରା ଗଣମାଧ୍ୟମ-ସମ୍ପର୍କ ସ୍ଥାପନ କରିବା ସମ୍ଭବ ହୋଇପାରିଛି ।

ନକରାତ୍ମକ ପ୍ରଭାବ: ଉଭୟ ବ୍ୟକ୍ତି ଓ ସମାଜ ଉପରେ ଗଣମାଧ୍ୟମର ପ୍ରଭାବ ନକରାତ୍ମକ ମଧ୍ୟ ହୋଇପାରେ । ବିଶ୍ୱାସ ଦାରା, ଧର୍ମ ଏବଂ ଭାଷା ଅନୁସାରେ ବିବିଧ ଜନ ସମୁଦାୟ ନିମନ୍ତେ ଭାରତ ଖୁବ୍ ଜଣାଶୁଣା । ଭୁଲ୍ ତଥ୍ୟ ଓ ବାର୍ତ୍ତାର ପ୍ରସାରଣ କରି ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ହିଂସା, ପୂର୍ବାଗ୍ରହ ଏବଂ ଘୃଣାକୁ ସୃଷ୍ଟିକରିବା କ୍ଷେତ୍ରରେ ଗଣ ମାଧ୍ୟମର ଅପବ୍ୟବହାର କରାଯାଇପାରେ । ଏଣୁ ସାମ୍ପ୍ରଦାୟିକ ହିଂସାକୁ ପ୍ରୋତ୍ସାହନ ଓ ପ୍ରଶଂସା ନିଶ୍ଚିତ ଭାବରେ ପରିହାର କରିଯିବା ଉଚିତ୍ । ଗୁଜବ (ଜନରବ) ଓ ପ୍ରଚାର ହେଉଛି ଭ୍ରମାତ୍ମକ ତଥ୍ୟ ପ୍ରସାରଣର ଏକ ସଙ୍ଗଠିତ ପନ୍ଥା । ବେଳେବେଳେ ଗଣମାଧ୍ୟମ ବ୍ୟକ୍ତିର ଗୋପନୀୟତାକୁ ସମ୍ମାନ ଦିଏ ନାହିଁ ଏବଂ ସାଧାରଣ ଓ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷମାନଙ୍କର ବ୍ୟକ୍ତିଗତ ଓ ଗୋପନୀୟ ତଥ୍ୟକୁ ପ୍ରକାଶିତ କରିଥାଏ । ଅସଭ୍ୟ ଓ ଅଶ୍ଲୀଳ ତଥ୍ୟ ପ୍ରସାରଣ କ୍ଷେତ୍ରରେ ଗଣମାଧ୍ୟମର ବ୍ୟବହାର ଯୁବକ ଓ ବୟସ୍କ ଆମ ସମସ୍ତଙ୍କ ନିମନ୍ତେ ଚିନ୍ତାର ବିଷୟ ହୋଇଛି ।

ଏହା ଅନୁଭବ କରିବା ଉଚିତ୍ ଯେ,ଗଣମାଧ୍ୟମ ସମାଜରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ତେଣୁ ଏହା କେତେକ ଦାୟିତ୍ୱ ଏବଂ ନୈତିକ କର୍ତ୍ତବ୍ୟକୁ ପୂରଣ କରିବା ଉଚିତ୍। ଗଣମାଧ୍ୟମ ନୈତିକ ମାନଦଣ୍ଡକୁ ବଜାୟ ରଖିବା ଦରକାର ଯାହା ଦ୍ୱାରା ଏହା ଲୋକମାନଙ୍କୁ ବାସ୍ତବ, ସନ୍ତୁଳିତ ଏବଂ ସଠିକ୍ ସୂଚନା ଯୋଗାଇଦେଇ ପାରିବ। ଏହା ଲୋକ ମାନଙ୍କୁ ଅପରାଧ, ହିଂସା ଓ ଘୃଣା ନିମନ୍ତେ ପ୍ରବର୍ତ୍ତାଇବାକୁ ପରିହାର କରିବା ଉଚିତ୍। ଗୋଷ୍ଠୀ ଗଠନ, ଏବଂ ଜାତୀୟ ସଂହତି ଏହାର ଏକ ମାତ୍ର ଉଦ୍ଦେଶ୍ୟ ହେବା ଉଚିତ୍। ପ୍ରକୃତରେ ଗଣମାଧ୍ୟମ ଭାରତର ବିବିଧ ପ୍ରକୃତିକୁ ପ୍ରତିଫଳନ କରିବା ଉଚିତ୍ ଏବଂ ଜାତିର ପ୍ରତ୍ୟେକ ସଦସ୍ୟଙ୍କୁ ଏକ ସ୍ୱର ଦେବା ଉଚିତ୍।

ତୁମେ କ'ଣ ଶିକ୍ଷାକଲ ?

- ଜନଗଣ ଏବଂ ପରିବେଶ ମଧ୍ୟରେ ସଙ୍ଘଟିତ ହେଉଥିବା ପାରସ୍ପରିକ କ୍ରିୟାକୁ ଭାବ ବିନିମୟ କୁହାଯାଏ।
- ଭାବ ବିନିମୟ ଏକ ଦ୍ୱି-ପାକ୍ଷିକ ପ୍ରକ୍ରିୟା ଯେଉଁଥିରେ ବାର୍ତ୍ତାଦ୍ୱାରା ବ୍ୟବହାରରେ ପରିବର୍ତ୍ତନ ଆଣିବା, ସାଧାରଣ ବୁଝାମଣା ସ୍ଥାପନ କରିବା ଏବଂ ବାର୍ତ୍ତା ପ୍ରେରଣ କରିବା ପନ୍ଥା ସମ୍ପୃକ୍ତ।
- କଥିତ ଏବଂ ଲିଖିତ ଶବ୍ଦ ସମ୍ବଳିତ ସୂଚନା ଓ ନିର୍ଦ୍ଦେଶନା ସାହାଯ୍ୟରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅର୍ଥପୂର୍ଣ୍ଣ ଭାବବିନିମୟ ବାଚନିକ ଭାବବିନିମୟ ଦ୍ୱାରା କରାଯାଏ।
- ଅଣବାଚନିକ ଭାବବିନିମୟରେ ଅଙ୍ଗଭଙ୍ଗୀର ବ୍ୟବହାର, ଚକ୍ଷୁ ମିଳନ, ମୁଖମଣ୍ଡଳର ଅଭିବ୍ୟକ୍ତି, ମୁଦ୍ରା ଓ ଶରୀର ଗତିଶୀଳତା ଏବଂ ଦୂରତା ବଜାୟ ରଖିବା ନିହିତ ଥାଏ।
- ସଫଳ ଭାବ ବିନିମୟର ଲକ୍ଷଣ ଗୁଡିକ ହେଲା ସାଧାରଣ ପ୍ରସଙ୍ଗ, ପାରସ୍ପରିକ ସ୍ୱାର୍ଥ, ସାଧାରଣ ଭାଷା ଏବଂ ସାଧାରଣ ପରିବେଷ୍ଟନୀ।
- ଭାରତୀୟ ପରିପ୍ରେକ୍ଷୀରେ ଅନନ୍ୟ ଧରଣର ଅଣବାଚନିକ ଭାବ ବିନିମୟ ପଦ୍ଧତି ରହିଛି।
- ଗଣମାଧ୍ୟମ ଦ୍ୱାରା ଭାବ ବିନିମୟର ମନୁଷ୍ୟ ବ୍ୟବହାର ଉପରେ ସକରାତ୍ମକ ଏବଂ ନକରାତ୍ମକ ପ୍ରଭାବ ରହିଛି।

ଅନ୍ତିମ ପ୍ରଶ୍ନାବଳୀ

୧. ଉଦାହରଣ ସାହାଯ୍ୟରେ ଭାବବିନିମୟର ସଂଜ୍ଞାନିରୂପଣ କର। ଭାବ ବିନିମୟର ୫ଟି ମୌଳିକ ଉପାଦାନ ଆଲୋଚନା କର।

୨. ଆମର ଦୈନନ୍ଦିନ ଜୀବନରେ ବାଚନିକ ଓ ଅଣବାଚନିକ ଭାବବିନିମୟ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଆଲୋଚନା କର।

୩. ସଫଳ ଭାବ ବିନିମୟର ବିଭିନ୍ନ ଲକ୍ଷଣ ଗୁଡିକ ବ୍ୟାଖ୍ୟା କର।

୪. ଉଦାହରଣ ସାହାଯ୍ୟରେ ଭାରତୀୟ ପରିପ୍ରେକ୍ଷୀରେ ଅଣବାଚନିକ ଭାବ ବିନିମୟର ଅନନ୍ୟ ଢ଼ାଞ୍ଚା ଗୁଡିକ ଆଲୋଚନା କର।

୫. ଗଣମାଧ୍ୟମର ଭୂମିକା ଏବଂ ସାମାଜିକ ପ୍ରଭାବ ଆଲୋଚନା କର।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର

୧୪.୧ ଏବଂ ୧୪.୨

୧. (କ) ଠିକ୍

(ଖ) ଠିକ୍

(ଗ) ଭୁଲ୍

(ଘ) ଭୁଲ୍

୨. ଭାଗ ୧୪.୧ର ସହାୟତା ନିଅ।

୧୪.୩

(କ) ବାଚନିକ ଭାବ ବିନିମୟ

(ଖ) ଅଣବାଚନିକ ଭାବ ବିନିମୟ

(ଗ) ଅଙ୍ଗଗତି, ସ୍ଥିର ଦୃଷ୍ଟି, ସାମୀପ୍ୟ, ତ୍ୱକ ସଂବେଦାନ୍ୱେଷିକୀ

(ଘ) ସ୍ପର୍ଶ

୧୪.୪ ଓ ୧୪.୫

୧. ଠିକ୍

୨. ଭୁଲ୍

୩. ଠିକ୍

୪. ଠିକ୍

୫. ଭୁଲ୍

୨. ଭାଗ ୧୪.୪ର ସାହାଯ୍ୟ ନିଅ

୧୪.୬

୧. ଭାଗ ୧୪.୬ର ସହାୟତା ନିଅ।

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ଭାଗ ୧୪.୧ ଓ ୧୪.୨ର ସାହାଯ୍ୟ ନିଅ।
୨. ଭାଗ ୧୪.୩ର ସାହାଯ୍ୟ ନିଅ।
୩. ଭାଗ ୧୪.୪ର ସହାୟତା ନିଅ।
୪. ଭାଗ ୧୪.୬ର ସହାୟତା ନିଅ।
୫. ଭାଗ ୧୪.୭ର ସହାୟତା ନିଅ।

ଟିପ୍ପଣୀ

୧୫

ମନୋବୃତ୍ତି, ବିଶ୍ୱାସ ଏବଂ ସାମାଜିକ ଜ୍ଞାନ

ତୁମେ ଲକ୍ଷ୍ୟ କରିଛ କି, ଯେତେବେଳେ ଆମେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ କରେ ଆମେ ତାଙ୍କର ମୂଲ୍ୟାୟନ କରିଥାଉ ? ତୁମେ ଯଦି ତୁମ ସାଙ୍ଗକୁ ବିଶ୍ୱାସଯୋଗ୍ୟ, ଯତ୍ନଶୀଳ ଏବଂ ସାହାଯ୍ୟକାରୀ ବୋଲି ଭାବୁଥାଅ ତେବେ ତୁମର ତା ପ୍ରତି ସକାରାତ୍ମକ ଓ ଅନୁକୂଳ ମନୋଭାବ ରହିଛି। ଅନ୍ୟ ପକ୍ଷରେ, ତୁମେ ତୁମର ପଡୋଶୀଙ୍କୁ କଳହ ପ୍ରିୟ ବୋଲି ବିଚାର କରିପାର ଯିଏକି ତୁମର ପରିବାରର କାର୍ଯ୍ୟକଳାପରେ ହସ୍ତକ୍ଷେପ କରେ। ସମ୍ଭବତଃ ତୁମର ଏହି ଲୋକ ପ୍ରତି ନକରାତ୍ମକ ବା ପ୍ରତିକୂଳ ମନୋଭାବ ସୃଷ୍ଟି ହୁଏ। ସେହିପରି ଆମର ପରିବାର, ଜେଜେ ବାପା, ଜେଜେମାଆ, ପଡୋଶୀ, ବନ୍ଧୁବର୍ଗ, ରାଜନୈତିକନେତା ବା ଅନ୍ୟମାନେ ସେମାନଙ୍କର ମନୋବୃତ୍ତି ଏବଂ ବିଶ୍ୱାସକୁ ଆମ ପାଖକୁ ସମ୍ପ୍ରେଷଣ କରନ୍ତି। ଆମେ ନିଜକୁ ଏବଂ ଅନ୍ୟମାନଙ୍କୁ ବୁଝିବା ଦରକାର ଏବଂ ଯେଉଁ ସାମାଜିକ ଜଗତରେ ଆମେ ବାସକରୁଛୁ ତାର ମୂଲ୍ୟାୟନ କରିବା ଦରକାର। ଆମର ମନୋବୃତ୍ତି ଓ ବିଶ୍ୱାସ ଆମକୁ ଓ ଆମ ଚାରିପାଖରେ ଥିବା ଲୋକମାନଙ୍କୁ ବୁଝିବାରେ ସାହାଯ୍ୟ କରେ। ଏହି ଅଧ୍ୟାୟରେ ଆମେ ମନୋବୃତ୍ତିର ପ୍ରକୃତିକୁ ପରୀକ୍ଷା କରିବା। ମନୋବୃତ୍ତି କିପରି ଗଠିତ ହୁଏ, କିପରି ପରିବର୍ତ୍ତନ ହୋଇପାରେ ଏବଂ ମନୋବୃତ୍ତି ଓ ବ୍ୟବହାର ମଧ୍ୟରେ ଥିବା ସଂପର୍କ ବିଷୟରେ ମଧ୍ୟ ଆମେ ପରୀକ୍ଷା ନିରୀକ୍ଷା କରିବା। ଅବଶେଷରେ ଆମେ କିପରି ଆମ ଜଗତରେ ଘଟୁଥିବା ବିଭିନ୍ନ ଘଟଣାର କାରଣ ଜାଣିବାକୁ ପ୍ରୟାସକରି ଏ ଜଗତକୁ ଉପଲବ୍ଧି କରିପାରୁଛେ, ଏବଂ ଆମେ ବାସ କରୁଥିବା ସାମାଜିକ ଜଗତର ବିଭିନ୍ନ ଘଟଣାର ମୂଲ୍ୟାୟନ କଲାବେଳେ ହୁଏତ ତାହା ଭୂଲ ହୋଇଯାଇପାରେ ସେ ବିଷୟରେ ମଧ୍ୟ ଶିକ୍ଷା କରିବା।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପଢ଼ିବା ପରେ ତୁମେ ସକ୍ଷମ ହୋଇପାରିବ:

- ମନୋବୃତ୍ତିର ମୁଖ୍ୟ ଉପାଦାନମାନଙ୍କୁ ବର୍ଣ୍ଣନା କରିବା,
- ମନୋବୃତ୍ତି ଓ ବ୍ୟବହାର ମଧ୍ୟରେ ଥିବା ସଂପର୍କକୁ ବ୍ୟାଖ୍ୟା କରିବା,
- ମନୋବୃତ୍ତିକୁ ସହଜରେ କିପରି ପରିବର୍ତ୍ତନ କରାଯାଇପାରେ ତାକୁ ଜାଣିବା,
- ସାମାଜିକ ଜ୍ଞାନ କ'ଣ ଏବଂ ଏଥିରେ ଭ୍ରମ ସୃଷ୍ଟିକୁ ବ୍ୟାଖ୍ୟା କରିବା।

୧୫.୧ ମନୋବୃତ୍ତିର ପ୍ରକୃତି

ତୁମେ ତୁମର ବାପା ମାଆ, ପରିବାରର ସଦସ୍ୟ, ବନ୍ଧୁ, ଗୁରୁ, ଏବଂ ବହୁତ ଲୋକଙ୍କୁ ବାରମ୍ବାର ସାକ୍ଷାତ କରୁଛ। କ୍ରମଶଃ ତୁମ ପ୍ରତି ସେମାନଙ୍କର ବ୍ୟବହାର ବିଷୟରେ ଚିନ୍ତାକର। ସେମାନଙ୍କ ପ୍ରତି ଏକ ପ୍ରକାର ଭାବ ତୁମେ

ଅନୁଭବ କର, ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ବ୍ୟବହାର ସେମାନଙ୍କ ପ୍ରତି ଦେଖାଇବାକୁ ଆରମ୍ଭ କର। ଅନ୍ୟ ଶବ୍ଦରେ କହିଲେ, ଚିନ୍ତନ, ଭାବନା ଏବଂ ବ୍ୟବହାର ଦ୍ୱାରା ତୁମେ ସାମାଜିକ ଜଗତରେ ଥିବା ବ୍ୟକ୍ତି, ଘଟଣା, ବସ୍ତୁ ଏବଂସବୁ ଜିନିଷ ପ୍ରତି ଏକମନୋବୃତ୍ତି ଗଠନ କର।

ବ୍ୟକ୍ତି, ବସ୍ତୁ ଏବଂ ପରିସ୍ଥିତିର ଅନୁକୂଳ ଓ ପ୍ରତିକୂଳ ମୂଲ୍ୟାୟନକୁ ମନୋବୃତ୍ତି ବୋଲି ବ୍ୟାଖ୍ୟା କରାଯାଏ। ଆମେ ଆମର ମନୋବୃତ୍ତିକୁ ବାକ୍ୟଆକାରରେ ସଂଗ୍ରହ କରିଥାଉ, ଯଥା : 'ମୁଁ ଆମ୍ବ ଭଲପାଏ', 'ମୁଁ ଶାସ୍ତ୍ରୀୟ ସଙ୍ଗୀତକୁ ପସନ୍ଦ କରେ' ବା 'ମୁଁ ରକ୍ ସଙ୍ଗୀତକୁ ନାପସନ୍ଦ କରେ'। ବିଭିନ୍ନ ଜିନିଷ, ବ୍ୟକ୍ତି, କିମ୍ବା ଘଟଣାପ୍ରତି ଆମର ମନୋବୃତ୍ତିକୁ ଆମେ "ପସନ୍ଦ", "ନାପସନ୍ଦ", "ପ୍ରେମ", "ଘୃଣା", "ଭଲ", ଏବଂ "ମନ୍ଦ" ଆଦି ଶବ୍ଦ ବ୍ୟବହାର କରି ବର୍ଣ୍ଣନା କରୁ।

ମନୋବୃତ୍ତି ତିନିଗୋଟି ଉପାଦାନକୁ ନେଇ ଗଠିତ। ସେଗୁଡିକ ହେଲା ଜ୍ଞାନାତ୍ମକ, ଭାବାତ୍ମକ, ବ୍ୟବହାରତ୍ମକ ଅଂଶ:

୧. **ଜ୍ଞାନାତ୍ମକ ଅଂଶ** – ବସ୍ତୁ ଉପରେ ବିଶ୍ୱାସ ସମ୍ବଳିତ ଚିନ୍ତନକୁ ଏହି ଅଂଶ ଦର୍ଶାଏ।

୨. **ଭାବନାତ୍ମକ ଅଂଶ** – ବସ୍ତୁର ମୂଲ୍ୟାୟନର ସକରାତ୍ମକ ବା ନକରାତ୍ମକ ଭାବାବେଗର ଦିଗ ଓ ତୀବ୍ରତା କିମ୍ବା ବସ୍ତୁ ପ୍ରତି ଆବେଗାତ୍ମକ ଅନୁଭୂତିକୁ ଏହି ଅଂଶ ଦର୍ଶାଏ।

୩. **ବ୍ୟବହାରାତ୍ମକ ଅଂଶ** – ବସ୍ତୁପ୍ରତି ନିର୍ଦ୍ଦିଷ୍ଟ ଢଙ୍ଗରେ ବ୍ୟବହାର ପ୍ରଦର୍ଶନ କରିବାର ସମ୍ଭାବନାକୁ ଏହି ଅଂଶ ଦର୍ଶାଇଥାଏ।

ଚିନ୍ତନ, ଭାବନା ଏବଂ ବ୍ୟବହାର ପରି ତିନିଗୋଟି ଅଂଶ ମିଳିତ ହୋଇ କୌଣସି ବ୍ୟକ୍ତି ବା ବସ୍ତୁ ପ୍ରତି ଆମର ମନୋବୃତ୍ତି ଗଠିତ ହୁଏ। ବେଳେବେଳେ ଏହି ଅଂଶମାନେ ଅସଙ୍ଗତିପୂର୍ଣ୍ଣ ହୋଇଥାନ୍ତି। ଦୃଷ୍ଟାନ୍ତ ସ୍ୱରୂପ, ଜଣେ ପଡ଼ୋଶୀ ବୁଦ୍ଧିମାନ ଓ ପରିଶ୍ରମୀ ବୋଲି ଆମେ ବିଶ୍ୱାସ କରୁଥିବାରୁ ତାଙ୍କ ପ୍ରତି ଏକ ସକରାତ୍ମକ ମନୋବୃତ୍ତି ଆମର ଥାଇପାରେ କିନ୍ତୁ ତାଙ୍କର ବ୍ୟବହାର ଶୈଳୀକୁ ନାପସନ୍ଦ କରିଥାଏ। କିମ୍ବା ତୁମେ ପଡ଼ୋଶୀଙ୍କୁ ନାପସନ୍ଦ କଲେ ହେଁ ପରିସ୍ଥିତି ଉପରେ ତାଙ୍କୁ ସାହାଯ୍ୟ କରିଥାଅ। ଏପରି ସମ୍ଭାବନା ବାସ୍ତବ ଆକାର ନେଇପାରେ। ସାଧାରଣତଃ ଯଦି ଏକ ଦୃଢ଼ ମନୋବୃତ୍ତି ତୁମର ରହିଛି ତେବେ ଏହି ମନୋବୃତ୍ତିର ସମସ୍ତ ତିନିଗୋଟି ଅଂଶ ମଧ୍ୟରେ ସଂଗତି ଥାଏ ଏବଂ ଏମାନେ ପରସ୍ପରର ବିରୁଦ୍ଧାଚରଣ କରନ୍ତି ନାହିଁ। ଉଦାହରଣ ସ୍ୱରୂପ, ଯଦି ସଚ୍ଚିନ ତେନ୍ଦୁଲକରଙ୍କ ପରି ଜଣେ ସୁପରିଚିତ କ୍ରିକେଟ ଖେଳାଳୀ ତୁମ ଅଞ୍ଚଳକୁ ଆସନ୍ତି ଓ ତୁମେ ଯଦି କ୍ରିକେଟ୍ ଖେଳିବାକୁ ଏବଂ ଦେଖିବାକୁ ଅତି ଭଲ ପାଉଥାଅ (ଭାବ) ତେବେ ତୁମେ ସକ୍ରିୟ ଭାବେ ଯୋଜନା କରିବ (ଚିନ୍ତନ ପକ୍ରିୟା) ଏବଂ ସେହି ଜାଗାକୁ ଯିବ (ବ୍ୟବହାର)। କିମ୍ବା, ତୁମେ ସଚ୍ଚିନ ତେନ୍ଦୁଲକର ଜଣେ ଅତିଭଲ କ୍ରିକେଟ ଖେଳାଳୀ (ଚିନ୍ତନ ଅଂଶ) ବୋଲି ଜାଣି ମଧ୍ୟ, ଯଦି ତୁମେ ଖେଳକୁ ଭଲ ପାଅନାହିଁ କିମ୍ବା କ୍ରିକେଟ୍ ଖେଳ ନିୟମିତ ଭାବେ ଦେଖନାହିଁ, (କମ୍ ମାତ୍ରାରେ ଭଲ ପାଉଥିବା ଆବେଗାତ୍ମକ ଅନୁଭୂତି) ତେବେ ତୁମେ କଷ୍ଟକରି ତାଙ୍କୁ ଦେଖା କରିବା ପାଇଁ (ବ୍ୟବହାରର କମ୍ ସମ୍ଭାବନା) ଆଗଭରି ହୋଇନପାର।

କାର୍ଯ୍ୟାବଳୀ – ୧

ମନୋବୃତ୍ତିର ଉପାଦାନ :

(କ) ତୁମେ ତୁମର ବନ୍ଧୁପ୍ରତି ଥିବା ଚିନ୍ତା, ଭାବନା ଏବଂ କାର୍ଯ୍ୟର ବିଭିନ୍ନ ଦିଗର ଏକ ତାଲିକା ପ୍ରସ୍ତୁତ କର ଏବଂ ସେଥିରେ ଜ୍ଞାନାତ୍ମକ, ଭାବାତ୍ମକ, ଏବଂ ବ୍ୟବହାରାତ୍ମକ ଉପାଦାନ ଗୁଡିକୁ ଚିହ୍ନଟକର।

(ଖ) ବିଭିନ୍ନ ପ୍ରସଙ୍ଗକୁ ନେଇ ତାଲିକା ପ୍ରସ୍ତୁତ କର। ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ତୁମର ବ୍ୟବହାର ନିମନ୍ତେ ଏକ ତାଲିକା ପଦାନ କରାଯାଉଛି: ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା, ଧୂମପାନ, ଶିକ୍ଷକବୃନ୍ଦ, ମଦ୍ୟପାନ, ମୁଁ, ବ୍ୟବସ୍ଥିତ ଆହାର ଗ୍ରହଣ, ନୂତନ ବ୍ୟକ୍ତିଙ୍କୁ ସାକ୍ଷାତ କରିବା, ପରିବାର, ବନ୍ଧୁବର୍ଗ, ପନିପରିବା ଖାଇବା, ଚକୋଲେଟ୍ ଖାଇବା। ପସନ୍ଦର ଏକ ୭-ବିନ୍ଦୁବିଶିଷ୍ଟ ମାପକରେ ପ୍ରତ୍ୟେକ ପ୍ରସଙ୍ଗର ମୂଲ୍ୟ ସର୍ବାଧିକ ନାପସନ୍ଦ (୧) ଠାରୁ ସର୍ବାଧିକ ପସନ୍ଦ (୭) ମଧ୍ୟରେ ନିର୍ଦ୍ଧାରଣ କର।

୧୫ବର୍ଷ ବୟସର ଜଣେ ବାଳକ ସ ଜଣେ ବାଳିକା ନିମ୍ନମତେ ସେମାନଙ୍କର ଅନୁକ୍ରିୟା ପ୍ରଦାନ କରିଛନ୍ତି। ଏହା ରେଖା ଚିତ୍ରରେ ପ୍ରଦର୍ଶିତ ହୋଇଛି। ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧୀୟ ମୂଲ୍ୟ ନିର୍ଦ୍ଧାରଣକୁ ତୁମେ ନିଜେ ଠିକ୍ ଏହି ଉପାୟରେ ଅବତାରଣା କରିପାର।



ଚିତ୍ର ୧୫.୧: ଦୁଇଜଣ ବ୍ୟକ୍ତିଙ୍କର ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧୀୟ ମୂଲ୍ୟ ନିର୍ଦ୍ଧାରଣ

(ଗ) ଜଣେ ବନ୍ଧୁଙ୍କୁ ଏହି ତାଲିକାର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଅନୁରୋଧ କର। ତୁମ ନିଜର ଓ ବନ୍ଧୁଙ୍କର ଅନୁକ୍ରିୟାକୁ ତୁଳନା କରି ମୂଲ୍ୟ ନିର୍ଦ୍ଧାରଣରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟମାନଙ୍କୁ ଚିହ୍ନଟ କର। ତୁମେ ଏହି ତାଲିକା ପରି ଅନ୍ୟ ଏକ ତାଲିକା ମଧ୍ୟ ପ୍ରସ୍ତୁତ କରିପାର।

(ଘ) ମନୋବୃତ୍ତିର କେବଳମାତ୍ର ଗୋଟିଏ ଉପାଦାନ ସମ୍ବନ୍ଧରେ ପଚାରି ତୁମେ ଜଣେ ବ୍ୟକ୍ତିର ମନୋବୃତ୍ତିର ଆକଳନ କରିପାରିବ କି?

ଏହା ଲକ୍ଷ୍ୟ କରାଯାଇଛି ଯେ, ମନୋବୃତ୍ତି ଦୀର୍ଘସ୍ଥାୟୀ ଅଟେ। କେବଳ ତୁମେ ଯଦି କିଛି ନୂଆ ଅନୁଭୂତି ଦେଇ ଅତିକ୍ରମ କର ତେବେ ମନୋବୃତ୍ତି ବଦଳିଯାଏ। ଜଣେ ବ୍ୟକ୍ତିର ଗୁଣ, ସାମାଜୀକରଣ ପ୍ରକ୍ରିୟା ଏବଂ ସାମାଜିକ ଜଗତ ସହିତ ପାରସ୍ପରିକ କ୍ରିୟା ଉପରେ ନିର୍ଭର କରି ମନୋବୃତ୍ତିର ପ୍ରକାର ଏବଂ ଦୃଢ଼ତାରେ ବ୍ୟକ୍ତିଗତ ପାର୍ଥକ୍ୟ ଦେଖାଯାଏ।

ମନୋବୃତ୍ତିର କାର୍ଯ୍ୟାବଳୀ

ଆମେ କାହିଁକି ମନୋବୃତ୍ତି ଗଠନ କରିଥାଉ? ବିଭିନ୍ନ ପ୍ରକାରର ତଥ୍ୟରେ ଭରପୂର ଆମର ଜଟିଳ ସାମାଜିକ ଜୀବନକୁ ଏହା ସରଳୀକରଣ କରିଥାଏ। ମନୋବୃତ୍ତି ଆମ ଜୀବନରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରେ:

୧. ଏହା ଆମର ଚତୁର୍ଦ୍ଦିଗରେ ଥିବା **ଜଗତକୁ ବୁଝିବା**ରେ ସାହାଯ୍ୟ କରେ। ସକରାତ୍ମକ ମନୋବୃତ୍ତି କେତେକ ବ୍ୟକ୍ତିଙ୍କ ସହ ଅନ୍ତରଂଗ ହେବାରେ ଏବଂ ସେମାନଙ୍କର ଅନୁରୋଧକୁ ପାଳନ କରିବାରେ ସାହାଯ୍ୟ କରିଥାଏ। ତୁମେ ତୁମକୁ କୌଣସି ଆଦର୍ଶ ଭୂମିକା ସହ ପରିଚୟ ଦେଇପାର (ଯେପରି ସଚ୍ଚିନ ତେନ୍ଦୁଲକର, ମଦର ଟେରେସା), ଏବଂ ସେମାନଙ୍କର ଚିନ୍ତନ ଏବଂ ଆଚରଣ ଶୈଳୀରେ ନିଜକୁ ଗଢ଼ିପାର, ନକରାତ୍ମକ ମନୋବୃତ୍ତି ଆମକୁ ଏହି ପ୍ରକାର ବ୍ୟକ୍ତି କିମ୍ବା ପରିସ୍ଥିତି ଠାରୁ ଦୂରେଇ ନିଏ।

୨. ଆମେ ଅନ୍ତର୍ଭୁକ୍ତ ଥିବା ବିଭିନ୍ନ **ସାମାଜିକ ସମୂହର ବର୍ଣ୍ଣନା** କରିବାରେ ମନୋବୃତ୍ତି ସାହାଯ୍ୟ କରେ। ଗୋଟିଏ ପରିବାରର, ବନ୍ଧୁ ବର୍ଗର, କିମ୍ବା ଧାର୍ମିକ, ରାଜନୈତିକ ସମୂହର ସଦସ୍ୟ ଭାବେ ଆମେ ସମସ୍ତେ ଏକା ମନୋବୃତ୍ତି ଧାରଣ କରିଥାଉ ଏବଂ ଏହା ଆମକୁ ଏକତାସୂତ୍ରରେ ବାନ୍ଧି ରଖିବାରେ ସାହାଯ୍ୟ କରେ। ତେଣୁ ଆମେ ଅନ୍ତର୍ଭୁକ୍ତ ହୋଇଥିବା ଆମର ଧାର୍ମିକ ଏବଂ ରାଜନୈତିକ ସମୂହକୁ ଅନୁକୂଳ ଦୃଷ୍ଟିରେ ଦେଖୁ ଏବଂ ଅନ୍ୟ ସମୂହପ୍ରତି ପ୍ରତିକୂଳ ମନୋବୃତ୍ତି ପ୍ରଦର୍ଶନ କରିଥାଉ।

୩. "ଆମେ କିଏ" ଏବଂ ଆମର ପରିଚୟକୁ ବୁଝିବାରେ ମଧ୍ୟ ମନୋବୃତ୍ତି ସହାୟତା କରେ। ଜଣେ ବ୍ୟକ୍ତିର ମୂଲ୍ୟବୋଧ ଓ ଆତ୍ମ ପ୍ରତ୍ୟୟକୁ ଏହା ବ୍ୟକ୍ତ କରେ। ଉଦାହରଣ ସ୍ୱରୂପ କେତେକ ବ୍ୟକ୍ତି ସମାନତାକୁ ବେଶୀ ମୂଲ୍ୟ ଦେଉଥିବାବେଳେ ଅନ୍ୟ କେତେକ ବ୍ୟକ୍ତି ସ୍ୱାଧୀନତା ଏବଂ ଅନୁକମ୍ପାକୁ ମୂଲ୍ୟ ଦେଇଥାନ୍ତି। ମହାତ୍ମାଗାନ୍ଧୀଙ୍କର ସାଧୁତା ପ୍ରତି ମନୋବୃତ୍ତି ଏବଂ ମଦର ଟେରେସାଙ୍କର ଗରିବ ଏବଂ ଅଭାବୀ ମାନଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ମନୋବୃତ୍ତି ସୁପରିଚିତ।

୪. ଅନ୍ୟମାନଙ୍କ ଠାରୁ ସମର୍ଥନ, ପ୍ରଶଂସା ଏବଂ ସ୍ୱୀକୃତି ପାଇବାରେ ମନୋବୃତ୍ତି ସାହାଯ୍ୟ କରେ। ଯେଉଁ ମାନଙ୍କର ଏକା ପ୍ରକାରର ମନୋବୃତ୍ତି ଥାଏ ସେମାନେ ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି। ଉଦାହରଣ ସ୍ୱରୂପ, ତୁମେ ଏବଂ ତୁମର ବନ୍ଧୁଙ୍କର ଏକା ପ୍ରକାରର ମନୋବୃତ୍ତି ଏବଂ ରୁଚି ଥାଏ। ତୁମେ ଉଭୟ ପରସ୍ପରକୁ ଭଲପାଅ ଏବଂ ସେଥିପାଇଁ ଏହା ତୁମର ବନ୍ଧୁତ୍ୱକୁ ବଜାୟ ରଖିବାକୁ ସହଜ କରିଦିଏ। ସାମାଜିକ ପାରସ୍ପରିକ କ୍ରିୟା ସହିତ ଉପଯୋଜନ କରିବାରେ ମନୋବୃତ୍ତି ଆମକୁ ସାହାଯ୍ୟ କରେ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୫.୧

ନିମ୍ନଲିଖିତ ବାକ୍ୟ ଗୁଡିକ ସତ୍ୟ କି ମିଥ୍ୟା ଉଲ୍ଲେଖ କର:

୧. ଜଣେ ବ୍ୟକ୍ତି କିମ୍ୱା ବସ୍ତୁର ସକରାତ୍ମକ ମୂଲ୍ୟାୟନ ହେଉଛି ମନୋବୃତ୍ତି।

୨. ବସ୍ତୁପ୍ରତି ପ୍ରଦର୍ଶିତ ହେଉଥିବା ଆବେଗକୁ ମନୋବୃତ୍ତିର ଭାବାତ୍ମକ ଅଂଶକୁହାଯାଏ।

୩. ମନୋବୃତ୍ତି ଅଳ୍ପସମୟ ପାଇଁ ରହେ।

୪. ମନୋବୃତ୍ତି ଆମକୁ ଆତ୍ମବୋଧ ଦେଇଥାଏ।

୫. ନିର୍ଦ୍ଧିଷ୍ଟ ମନୋବୃତ୍ତି ଆମକୁ ଅନ୍ୟମାନଙ୍କର ସ୍ୱୀକୃତି ପାଇବାରେ ସାହାଯ୍ୟ କରେ।

୧୫.୨ ମନୋବୃତ୍ତି ଗଠନ ଏବଂ ପରିବର୍ତ୍ତନ

ଏ ପର୍ଯ୍ୟନ୍ତ ତୁମେ ବୁଝିଲ ଯେ, ମନୋବୃତ୍ତି ମୂଖ୍ୟତଃ ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟା, ଏବଂ ବ୍ୟକ୍ତିଗତ ଅଭିଜ୍ଞତାରୁ ଶିକ୍ଷା କରାଯାଏ। ପିଲାମାନେ ସାଧାରଣତଃ ସେମାନଙ୍କର ବାପା ମା' ମାନଙ୍କର ମନୋବୃତ୍ତିକୁ ଗ୍ରହଣ କରିଥାନ୍ତି। ତୁମ ମା କେବେ ତୁମକୁ ଅଜଣା ବ୍ୟକ୍ତିଙ୍କ ସହ କଥା ନ କହିବା ପାଇଁ ସତର୍କ କରିଛନ୍ତି କି? ତୁମେ ତୁମର ବାପା ମାଆ ଏବଂ ଜେଜେ ବାପା ଓ ଜେଜେ ମାଙ୍କ ପରି ଧାର୍ମିକ କି? ବିଭିନ୍ନ ପ୍ରକାର ପ୍ରଭାବରୁ ମନୋବୃତ୍ତି ସୃଷ୍ଟି ହୋଇଥାଏ। ତଥାପି ସାଧାରଣତଃ ମନୋବୃତ୍ତି ବିଭିନ୍ନ ପ୍ରକାର ଶିକ୍ଷଣରୁ ଅର୍ଜନ କରାଯାଏ।

ପ୍ରତ୍ୟକ୍ଷ ସମ୍ପର୍କ: ତୁମେ ପୂର୍ବ ଅଧ୍ୟାୟରେ ଶିକ୍ଷା କରିଛ ଯେ, କିପରି ଗୋଟିଏ ନିରପେକ୍ଷ ବସ୍ତୁ ଏକ ପ୍ରତିଷ୍ଠିତ ଉଦ୍ଦୀପକ-ଅନୁକ୍ରିୟା ସହିତ ସଂପୃକ୍ତ ହୋଇଯାଏ। ଉଦ୍ଦୀପକ ସହିତ ବାରମ୍ୱାର ସଂପୃକ୍ତ ହେଲେ ଏହା ସକରାତ୍ମକ କିମ୍ୱା ନକରାତ୍ମକ ଅନୁଭବ ସୃଷ୍ଟିକରେ। ମନୋବୃତ୍ତି ବସ୍ତୁଟି ବର୍ତ୍ତମାନ ସମାନ ପ୍ରକାରର ଅନୁଭବ ସୃଷ୍ଟିକରେ। ଏହା ଶାସ୍ତ୍ରୀୟ ଅଭ୍ୟାନୁକୂଳନ ଶିକ୍ଷଣର ଅନ୍ତର୍ଭୁକ୍ତ। କଡା ବାସ୍ନା, ସ୍ୱାଦ ଏବଂ ସଂବେଦନାତ୍ମକ ସୂଚନା ଶକ୍ତିଶାଳୀ ଆବେଗିକ ଅନୁକ୍ରିୟା ସୃଷ୍ଟିକରିପାରେ। ଉଦାହରଣ ସ୍ୱରୂପ, ଯଦି ଗୋଟେ ପିଲା କୌଣସି ବୀଜର ଗଜା ଖାଇବାକୁ ଘୃଣା କରୁଥିବ, ତେବେ ସେହି ଗଜାର ରଙ୍ଗ ଏବଂ ସ୍ୱାଦ ପରି ଥିବା ଅନ୍ୟ ଖାଦ୍ୟ ପ୍ରତି ପିଲାର ଘୃଣା ସାଧାରଣ କରଣ/ବ୍ୟାପ୍ତକରଣ ହେବାର ସୁଯୋଗ ଥାଏ।

ପ୍ରତ୍ୟକ୍ଷ ନିର୍ଦ୍ଦେଶ: ବାପା, ମାଆ, ଶିକ୍ଷକ ଏବଂ ନେତା ଇତ୍ୟାଦିଙ୍କର ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଦିଷ୍ଟ ମନୋବୃତ୍ତି ଗଠନ ହୋଇଥାଏ। ବାପା, ମାଆ ପିଲାମାନଙ୍କୁ ଧୂମପାନ ଏବଂ ମଦ୍ୟପାନକୁ ବାରଣ କରିଥାନ୍ତି କାରଣ ଏହା ଶରୀର ପାଇଁ କ୍ଷତିକାରକ। ଶିକ୍ଷକ ମାନେ ମଧ୍ୟ ଏହି ମନୋବୃତ୍ତିକୁ ପୁନର୍ବଳନ ଦେଇଥାନ୍ତି। ଏହାଦ୍ୱାରା ପିଲାଟି ହୁଏତ ଧୂମପାନ

ଏବଂ ମଦ୍ୟପାନ ପ୍ରତି ନକରାତ୍ମକ ମନୋବୃତ୍ତି ସୃଷ୍ଟି କରିପାରେ।

ଅନ୍ୟ ମାନଙ୍କ ସହିତ ପାରସ୍ପରିକ କ୍ରିୟା: ସାଧାରଣତଃ ଆମେ ଅନ୍ୟମାନଙ୍କ ସହିତ ରହୁ ଏବଂ ନିଜ ଦଳର ମନୋବୃତ୍ତକୁ ଗ୍ରହଣ କରିଥାଉ। ଉଦାହରଣ ସ୍ୱରୂପ, ଯଦି ତୁମ ସାଙ୍ଗମାନେ ଚିନ୍ତା କରନ୍ତି ଯେ, ଚେନ୍ ଲାଗିଥିବା କଳା ଜିନ୍ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଲେ ଆରାମ ଲାଗେ, ତେବେ ତୁମେ ସେହି ପୋଷାକ ପିନ୍ଧିଲେ ଭଲ ଲାଗିବ ବୋଲି ଚିନ୍ତା କର। ଧୂମପାନ ଏବଂ ମଦ୍ୟପାନକୁ ଯଦି ତୁମର ସାଙ୍ଗମାନେ ଭଲବୋଲି ଗ୍ରହଣ କରନ୍ତି ତେବେ ତୁମେ ତୁମର ବାପା, ମାଆ କିମ୍ବା ଶିକ୍ଷକଙ୍କ କଥାକୁ ଭ୍ରୂକ୍ଷେପ ନକରି ସାଙ୍ଗମାନଙ୍କ ସହିତ ଏକମତ ହୁଅ। ଯେହେତୁ ଦଳର ସଦସ୍ୟ ଭାବେ ତୁମ ପ୍ରତି ସାଙ୍ଗମାନଙ୍କର ପ୍ରଶଂସା, ଅନୁମୋଦନ ଏବଂ ସ୍ୱୀକୃତି ଏହି ବ୍ୟବହାରକୁ ପୁନର୍ବଳନ ଦିଏ, ତୁମେ ଏହି ପ୍ରକାରର ବ୍ୟବହାର ପ୍ରଦର୍ଶନ କରିବାକୁ ପସନ୍ଦ କରିଥାଅ। ପୁନଶ୍ଚ ଏହି ବ୍ୟବହାର ତୁମଠାରେ "ଭଲ ଅନୁଭବ" ଆଣିଥାଏ, ତୁମ ଆତ୍ମସମ୍ମାନ ବଢ଼ାଏ, ଏବଂ ତୁମର ମନୋବୃତ୍ତିକୁ ସୁଦୃଢ଼ କରାଏ। ପୁରସ୍କାରର ବ୍ୟବହାର "ଯାନ୍ତ୍ରିକ ଶିକ୍ଷଣ"ର ଅନ୍ତର୍ଭୁକ୍ତ (ଅଧ୍ୟାୟ ୫କୁ ଦେଖ)। ପୁରସ୍କାର ଏବଂ ଦଣ୍ଡକୁ ନିୟନ୍ତ୍ରଣ କରାଯାଇ ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ମନୋବୃତ୍ତିର ଶିକ୍ଷା ଦିଆଯାଏ।

ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ: ଅନେକ ସମୟରେ ଅନ୍ୟମାନଙ୍କର ଆଚରଣକୁ ପର୍ଯ୍ୟବେକ୍ଷଣ କରି ମନୋବୃତ୍ତି ଶିକ୍ଷା କରାଯାଇଥାଏ। ତୁମେ ଛୋଟଥିବା ବେଳେ ମନେ ରଖୁଛନ୍ତିକି କିପରି ତୁମ ଜେଜେବାପା ବା ଜେଜେମାଆ ସନ୍ଧ୍ୟା ସମୟରେ ସବୁଦିନ ଭଜନ ଗାଆନ୍ତି ? ତୁମେ ହୁଏତ ବର୍ତ୍ତମାନ ଯୁବାବସ୍ଥାରେ ମଧ୍ୟ ସେହି ସଙ୍ଗୀତକୁ ପସନ୍ଦ କରୁଥିବ। କିମ୍ବା, ତୁମ ମା ଗୋଟିଏ ବୁଲା କୁକୁର ଦେଖିଲେ କିପରି ପ୍ରତିକ୍ରିୟା ଦେଖାଉଥିଲେ ? ଯଦି ସେ ଭୟ କରୁଥିଲେ କିମ୍ବା କୁକୁର ପାଖରୁ ଦୌଡି ପଳାଇ ଯିବାକୁ ଚେଷ୍ଟା କରୁଥିଲେ, ଏହା ସମ୍ଭବ ଯେ ତୁମେ ମଧ୍ୟ ସେହି ଏକା ମନୋବୃତ୍ତିକୁ ଶିକ୍ଷା କରିଥିବ।

ଏହା ସହିତ ଶିକ୍ଷା ବ୍ୟବସ୍ଥା ଏବଂ ମୁଖ୍ୟତଃ ଟେଲିଭିଜନ, ସିନେମା, ପତ୍ରିକା, ସମ୍ବାଦପତ୍ର ପରି ଗଣମାଧ୍ୟମ ଆମର ମନୋବୃତ୍ତିର ଗଠନକୁ ପ୍ରଭାବିତ କରିଥାଏ। ପ୍ରଭାବକ୍ଷମ ସମୟ ଅନ୍ତର୍ଗତ ପିଲାମାନେ ଟେଲିଭିଜନରେ ଯାହାକିଛି ଦେଖନ୍ତି ତାହା ବିଶ୍ୱାସ କରନ୍ତି। ବିଜ୍ଞାପନ ଦାତାମାନେ ଏହାର ସୁଯୋଗ ନିଅନ୍ତି ଏବଂ ସେମାନେ ବିକ୍ରି କରିବାକୁ ଚାହୁଁଥିବା ବସ୍ତୁପ୍ରତି ପିଲାମାନଙ୍କ ନିର୍ଦ୍ଦିଷ୍ଟ ମନୋବୃତ୍ତି ସୃଷ୍ଟିକରିବାକୁ ଚେଷ୍ଟା କରନ୍ତି। ତୁମେ ଯେପରି ଲକ୍ଷ୍ୟ କରିଥିବ ଲୋକମାନଙ୍କ ମନେବୃତ୍ତିକୁ ପରିବର୍ତ୍ତନ କରିବା ପାଇଁ ବିଜ୍ଞାପନ ଗୁଡିକରେ ପ୍ରାୟ ସମସ୍ତ କମ୍ପାନୀ ଏବଂ ସଂଗଠନ ଗୁଡିକ ପ୍ରଚୁର ଅର୍ଥ ବ୍ୟୟ କରିଥାନ୍ତି।

ମନୋବୃତ୍ତିର ପରିବର୍ତ୍ତନ :

ମନୋବୃତ୍ତିର ପ୍ରକୃତି ଏବଂ ଏହା କିପରି ଗଠନ ହୁଏ ତାହା ଆମେ ଶିକ୍ଷାକଲେ। ଏହି ନିଃସନ୍ଦେହ ଯେ, ଥରେ ମନୋବୃତ୍ତି ଗଠନ ହୋଇସାରିବା ପରେ ଏହାକୁ ପରିବର୍ତ୍ତନ କରିବା କଷ୍ଟ। ତଥାପି, ଯେହେତୁ ମନୋବୃତ୍ତିକୁ ଶିକ୍ଷା କରାଯାଏ, ଏହାକୁ ନୂତନ ଶିକ୍ଷଣଦ୍ୱାରା ପରିବର୍ତ୍ତନ ମଧ୍ୟ କରାଯାଇପାରେ। ନିମ୍ନଲିଖିତ ଉପାଦକ ଉପରେ ମନୋବୃତ୍ତିର ପରିବର୍ତ୍ତନ ନିର୍ଭର କରେ।

- **ଉତ୍ପତ୍ତି ସ୍ଥଳ / ଆଧାର:** ଯେଉଁ ବ୍ୟକ୍ତି ବାର୍ତ୍ତାକୁ ପ୍ରଦାନକରେ ତାକୁ ବାର୍ତ୍ତା ପ୍ରେରକ କୁହାଯାଏ। ଯଦି ଜଣେ ବ୍ୟକ୍ତି ଧୂରୀଣ ଯିଏ କି ବିଶ୍ୱାସଯୋଗ୍ୟ, ଆକର୍ଷଣୀୟ ଏବଂ ବାର୍ତ୍ତା ଗ୍ରହଣକାରୀଙ୍କ ସହ ତାଙ୍କର ସମାନତା ଥାଏ ତେବ ତାଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଗଲେ ମନୋବୃତ୍ତି ପରିବର୍ତ୍ତନର ସମ୍ଭାବନା ଅଧିକ ଥାଏ। ତେଣୁ ଯଦି କ୍ରିକେଟ୍ ଖେଳାଳୀ ସଚ୍ଚିନ ତେନ୍ଦୁଲକର ଗୋଟିଏ ନିର୍ଦ୍ଦିଷ୍ଟ ପାନୀୟ ତାଙ୍କୁ ଶକ୍ତି ପ୍ରଦାନ କରୁଛି ବୋଲି ଛୋଟ ପିଲାମାନଙ୍କ ଉଦ୍ଦେଶ୍ୟରେ କୁହନ୍ତି, କ୍ରୀଡ଼ା କ୍ଷେତ୍ରରେ ତାଙ୍କୁ ନିଜର ଆଦର୍ଶ- ଭୂମିକା ଭାବେ ଗ୍ରହଣ କରୁଥିବା ପିଲାମାନେ ସମ୍ଭବତଃ ଏହି ପାନୀୟକୁ କିଣନ୍ତି କାରଣ ସେମାନେ ଭାବନ୍ତି ଯେଏହି ପାନୀୟ ଦ୍ୱାରା ସେମାନେ ମଧ୍ୟ ତାଙ୍କ ପରି ଖେଳିପାରିବେ।
- **ବାର୍ତ୍ତା** : ବାର୍ତ୍ତାର ପ୍ରକୃତି ଗୁରୁତ୍ୱପୂର୍ଣ୍ଣ। କାରଣ ବାର୍ତ୍ତା ମନୋବୃତ୍ତି ପରିବର୍ତ୍ତନ ପାଇଁ ସୂଚନା ଯୋଗାଇଥାଏ। ବାର୍ତ୍ତା ସୁସ୍ପଷ୍ଟ ଏବଂ ସୁସଂଗଠିତ ହେବା ଉଚିତ୍। ଯେଉଁ ବାର୍ତ୍ତା ଉତ୍କଣ୍ଠା ଓ ଭୟ ସୃଷ୍ଟି କରେ ତାହା ବେଶୀ ପ୍ରଭାବୀ। ଯଦି ଗୋଟିଏ ସାବୁନ୍‌ର ବିଜ୍ଞାପନରେ କୁହାଯାଏ ଯେ ଝାଳ ଯୋଗୁଁ ଶରୀର ଗନ୍ଧ ହୁଏ ଏବଂ

ଏହାଦ୍ୱାରା ସାଙ୍ଗମାନେ ତୁମ ପାଖରୁ ଦୂରେଇ ଯାଆନ୍ତି ତେବେ, ତୁମେ ଏହି ନିର୍ଦ୍ଦିଷ୍ଟ ସାବୁନରେ ଗାଧାଅ ଫଳରେ ତୁମେ ସାଙ୍ଗମାନଙ୍କ ଗହଣରେ ରହିପାରିବ।

- **ବ୍ୟକ୍ତି:** ମନୋବୃତ୍ତି ପରିବର୍ତ୍ତନ କ୍ଷେତ୍ରରେ ବ୍ୟକ୍ତିର ପ୍ରକୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁ ମନୋବୃତ୍ତି ଦୃଢ଼, ବ୍ୟକ୍ତିଗତ ଭାବେ ଗୁରୁତ୍ୱପୂର୍ଣ୍ଣ, ଜଟିଳ ଏବଂ ଅନ୍ୟ ମନୋବୃତ୍ତି ସହ ସଂଯୁକ୍ତ ତାକୁ ପରିବର୍ତ୍ତନ କରିବା କଷ୍ଟସାଧ୍ୟ। ତେଣୁ ଗୋଟିଏ ସାବୁନ କିମ୍ବା ପାନୀୟ ପ୍ରତି ତୁମର ପସନ୍ଦକୁ ପରିବର୍ତ୍ତନ କରିବାଠାରୁ ନିଜର ପରିବାର ପ୍ରତି ତୁମର ମନୋବୃତ୍ତିକୁ ପରିବର୍ତ୍ତନ କରିବା କଷ୍ଟକର।

ସୁତରାଂ 'କିଏ' (ବାର୍ତ୍ତାପ୍ରେରକ) 'କଣ' (ବାର୍ତ୍ତା) 'କାହାକୁ' (ଯେଉଁ ବ୍ୟକ୍ତି ପାଖକୁ ବାର୍ତ୍ତା ପଠାଯାଏ) କହନ୍ତି, ତାହା ମନୋବୃତ୍ତି ପରିବର୍ତ୍ତନକୁ ନିର୍ଦ୍ଧାରଣ କରେ। ଅନ୍ୟମାନେ କ'ଣ କୁହନ୍ତି ଓ କରନ୍ତି ତାର ପ୍ରଭାବ ଆମ ଉପରେ ପଡ଼େ। ଗୋଟିଏ ନିର୍ଦ୍ଦିଷ୍ଟ ଦ୍ରବ୍ୟ ବା ସେବା ପ୍ରତି ମନୋବୃତ୍ତିକୁ ପରିବର୍ତ୍ତନ କରିବା ବିଜ୍ଞାପନ ଉଦ୍ୟୋଗର ମୁଖ୍ୟ ଲକ୍ଷ୍ୟ। ମନୋବୃତ୍ତି ପରିବର୍ତ୍ତନର ଏହି ତିନୋଟି ଦିଗକୁ ସେମାନେ ବିଜ୍ଞାପନରେ ବ୍ୟବହାର କରନ୍ତି।

କାର୍ଯ୍ୟାବଳୀ ୨
ମନୋବୃତ୍ତି ପରିବର୍ତ୍ତନ

ଯେତେବେଳେ ଗୋଟିଏ ବାର୍ତ୍ତା ଅନ୍ୟମାନଙ୍କର ଆବେଗକୁ ଆଲୋଡ଼ିତ କରେ ମନୋବୃତ୍ତି ପରିବର୍ତ୍ତନ ସମ୍ଭବ ହୋଇଥାଏ। ୧୫-୧୬ବର୍ଷ ବୟସ୍କ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ଶାରୀରିକ ଭାବମୂର୍ତ୍ତି ସମ୍ବନ୍ଧୀୟ ବିଜ୍ଞାପନ (ଟେଲିଭିଜନରୁ, ସମ୍ବାଦପତ୍ର ଏବଂ ପତ୍ରିକାରୁ) ବାଛ। ମନୋବୃତ୍ତିର ତିନୋଟି ଉପାଦାନକୁ ଭିତ୍ତିକରି ଏହାର ବିଶ୍ଳେଷଣ କର। କେଉଁ ଉପାଦାନଟି ବିଜ୍ଞାପନର ବାର୍ତ୍ତାରେ ସବୁଠାରୁ ଅଧିକ ପଭାବଶାଳୀ ?

କାର୍ଯ୍ୟାବଳୀ - ୩
ମନୋବୃତ୍ତି ପରିବର୍ତ୍ତନ

ଗୋଟିଏ ପତ୍ରିକା ବାଛ ଯାହାର ପାଠକ ସଂଖ୍ୟା ତୁମର ସହରରେ ଅଧିକ। ପତ୍ରିକାରେ ଥିବା ସମସ୍ତ ବିଜ୍ଞାପନକୁ ଲକ୍ଷ୍ୟକର।

(କ) ବିଜ୍ଞାପନରେ ବ୍ୟବହାର କରାଯାଇଥିବା ଶବ୍ଦ ଏବଂ ପ୍ରତିଛବିକୁ ଲକ୍ଷ୍ୟ କର। ବର୍ତ୍ତମାନ ପ୍ରତ୍ୟେକ ବିଜ୍ଞାପନରେ ମନୋବୃତ୍ତି ପରିବର୍ତ୍ତନର ତିନୋଟି ଆଧାରକୁ ଚିହ୍ନଟ କର: ବାର୍ତ୍ତା ପ୍ରେରକ, ପ୍ରେରିତ ବାର୍ତ୍ତା, ଏବଂ ଯେଉଁ ବ୍ୟକ୍ତିଙ୍କ ପାଖକୁ ବାର୍ତ୍ତା ପଠାଯାଏ। ଗୋଟିଏ ସାରଣୀ ପ୍ରସ୍ତୁତ କର ଏବଂ ପ୍ରତ୍ୟେକ ଆଧାରର ବାରମ୍ବାରତା ନିର୍ଣ୍ଣୟ କର।

(ଖ) ବିଜ୍ଞାପନ ଦାତାମାନେ ସେମାନଙ୍କର ସାମଗ୍ରୀକୁ ବିକ୍ରି କରିବା ପାଇଁ ମନୁଷ୍ୟର ଅନେକ ଅଭିପ୍ରେରଣ ଏବଂ ଆବଶ୍ୟକତାକୁ ବ୍ୟବହାର କରିଥାନ୍ତି। ପଞ୍ଚମ ଅଧ୍ୟାୟରେ (ଅଭିପ୍ରେରଣ ଏବଂ ପ୍ରକ୍ଷୋଭ) ତୁମେ ବିଭିନ୍ନ ପ୍ରକାରର ଅଭିପ୍ରେରଣ ବିଷୟରେ ପଢ଼ିଛ: ଶାରୀରିକ ଆବଶ୍ୟକତା, ଆତ୍ମ-ମର୍ଯ୍ୟାଦା ଆବଶ୍ୟକତା, ସାମାଜିକ ଓ ସମ୍ମାନ ଆବଶ୍ୟକତା ଏବଂ ଆତ୍ମସିଦ୍ଧି ସେଗୁଡ଼ିକ ମଧ୍ୟରେ ଅନ୍ୟତମ। ପ୍ରତ୍ୟେକ ବିଜ୍ଞାପନରେ ଯେଉଁ ଆବଶ୍ୟକତା ବିଷୟରେ କୁହାଯାଇଛି ତାହା ଚିହ୍ନାଅ। ଯେଉଁ ଆବଶ୍ୟକତାକୁ ଚିହ୍ନଟ କରିଛ ତାହାର ବାରମ୍ବାରତାକୁ ନେଇ ଗୋଟିଏ ସାରଣୀ ପ୍ରସ୍ତୁତ କର। କିପରି ବିଜ୍ଞାପନ-ଦାତାମାନେ ମୁଖ୍ୟ ଏବଂ ଗୌଣ ଆବଶ୍ୟକତାକୁ ମନୋବୃତ୍ତି ପରିବର୍ତ୍ତନ ପାଇଁ ବ୍ୟବହାର କରନ୍ତି ତାହା ବୁଝିବାରେ ଏହି ପରିଯୋଜନା ସାହାଯ୍ୟ କରିବ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୫.୨

ନିମ୍ନଲିଖିତ ବାକ୍ୟଗୁଡିକ ମଧ୍ୟରୁ କେଉଁଟି 'ଠିକ୍' ବା କେଉଁଟି 'ଭୁଲ' ଦର୍ଶାଅ:

୧. ମନୋବୃତ୍ତିକୁ ଶିକ୍ଷା କରିବାରେ ଶିକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

୨. ଆମେ ଯେଉଁ ଦଳର ଅନ୍ତର୍ଭୁକ୍ତ ସେହି ଦଳର ମନୋବୃତ୍ତିକୁ ଅନୁକରଣ କରିଥାଉ।

୩. ଯେଉଁ ବାର୍ତ୍ତା ଉତ୍କଣ୍ଠା ଓ ଭୟ ସୃଷ୍ଟିକରେ ତାହା ପ୍ରଭାବୀ ନୁହେଁ।

୪. ଯଦି ଜଣେ ଧୂରୀଣ ବ୍ୟକ୍ତିଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଯାଏ ତେବେ ମନୋବୃତ୍ତି ପରିବର୍ତ୍ତନ ଅଧିକ ହୁଏ।

୫. ଦୃଢ଼ ଏବଂ ବ୍ୟକ୍ତିଗତ ଭାବେ ଗୁରୁତ୍ୱପୂର୍ଣ୍ଣ ମନୋବୃତ୍ତିକୁ ପରିବର୍ତ୍ତନ କରିବା କଷ୍ଟସାଧ୍ୟ।

୧୫.୩ ମନୋବୃତ୍ତି ଓ ବ୍ୟବହାର ମଧ୍ୟରେ ସଂପର୍କ

ମନୋବୃତ୍ତି ଏବଂ ବ୍ୟବହାର ମଧ୍ୟରେ ସଂପର୍କ ଜଟିଳ। ଜଣଙ୍କର ବ୍ୟବହାରରୁ ତାର ମନୋବୃତ୍ତି ବିଷୟରେ ଅନୁମାନ କରିବା କଷ୍ଟକର। ତୁମେ କେତେଥର ଲୋକମାନେ କହିବାର ଶୁଣିଛି ଯେ, ସେମାନେ ସୁସ୍ଥ ରହିବାକୁ ଚାହାଁନ୍ତି, କିନ୍ତୁ ବ୍ୟାୟାମ କରନ୍ତି ନାହିଁ କିମ୍ବା ସେମାନେ ଭୂମଣ୍ଡଳୀୟ ତାପବୃଦ୍ଧିପାଇଁ ଚିନ୍ତିତ ହୁଅନ୍ତି କିନ୍ତୁ ସେମାନେ ଅଧିକ ପେଟ୍ରୋଲ ଆବଶ୍ୟକ କରୁଥିବା ବଡ ଗାଡି ଚଳାନ୍ତି। ଲୋକମାନେ ଗୋଟିଏ କଥା କୁହନ୍ତି କିନ୍ତୁ ସେହି କଥା ଅନୁଯାୟୀ ଉଚିତ୍ ବ୍ୟବହାର ଦେଖାନ୍ତି ନାହିଁ। ଅଧ୍ୟୟନରୁ ଦେଖାଯାଇଛି, କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ମନୋବୃତ୍ତିରୁ ବ୍ୟବହାରକୁ ଅନୁମାନ କରାଯାଇପାରେ:

- ଯେତେବେଳେ ମନୋବୃତ୍ତିଟି ଶକ୍ତିଶାଳୀ ଏବଂ ସ୍ଥିର ଅଟେ, ଅର୍ଥାତ ଯେତେବେଳେ ମନୋବୃତ୍ତିର ତିନୋଟି ଯାକ ଉପାଦାନ ସ୍ପଷ୍ଟ ଓ ଦୃଢ଼ ଥାଏ ସେତେବେଳେ ତାହା ବ୍ୟବହାର ବିଷୟରେ ସଠିକ୍ ସୂଚନା ଦେଇଥାଏ। ଦୁର୍ବଳ, ଗୁରୁତ୍ୱବିହୀନ ଏବଂ ଅସ୍ପଷ୍ଟ ମନୋବୃତ୍ତି ସମ୍ଭବତଃ ବ୍ୟବହାରର ଅଧିକ ସଠିକ୍ ସୂଚନା ଦେଇ ନଥାନ୍ତି।
- ଯେତେବେଳେ ଜଣଙ୍କର ଦୃଢ଼ ମନୋବୃତ୍ତି ଥାଏ କିମ୍ବା ନିଜର ମନୋବୃତ୍ତି ବିଷୟରେ ସଚେତନ ଥାଏ, ତଦ୍ୱାରା ତାହା ସହଜରେ ମନେପଡ଼େ ଏବଂ ବ୍ୟବହାରକୁ ଅନୁମାନ କରିବା ସମ୍ଭବ ହୁଏ।
- ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଗଠିତ ମନୋବୃତ୍ତି ବ୍ୟବହାର ବିଷୟରେ ଅଧିକ ସଠିକ୍ ସୂଚନା ଦେଇଥାଏ।
- ସାମାଜିକ ଚାପର ବଶବର୍ତ୍ତୀ ହୋଇ ଜଣେ ବ୍ୟବହାର ପ୍ରଦର୍ଶନ କରୁଥିଲେ ତାର ମନୋବୃତ୍ତି ବିଭିନ୍ନ ଦିଗରେ ବ୍ୟକ୍ତ ହୁଏ। ଜଣେ କିଶୋର ମଦ୍ୟପାନ କିମ୍ବା ଧୂମପାନ କରିବାକୁ ଚାହୁଁନଥାଇପାରେ କାରଣ ଏହା ଶରୀର ପାଇଁ କ୍ଷତିକାରକ। କିନ୍ତୁ ସାଙ୍ଗମାନଙ୍କର ଚାପ ତାକୁ ମଦ୍ୟପାନ କରିବାକୁ ବାଧ୍ୟକରେ। ସୁତରାଂ, ତାର ଚିନ୍ତାଧାରା ଏବଂ ବ୍ୟବହାର ମଧ୍ୟରେ ପାର୍ଥକ୍ୟ ଦେଖାଯାଏ। ବାହ୍ୟ ପ୍ରଭାବ କମ୍ ରହିଲେ ମନୋବୃତ୍ତି ଓ ବ୍ୟବହାର ମଧ୍ୟରେ ସଂପର୍କ ଦୃଢ଼ ହୁଏ।

ଏହା ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଯେ ବ୍ୟବହାରଟି ସ୍ୱେଚ୍ଛାକୃତ କି ସୁପ୍ରାୟୋଜିତ। ଯେତେବେଳେ ବ୍ୟବହାରଟିକୁ ଭାବିଚିନ୍ତି ପ୍ରାୟୋଜିତ କରାଯାଇଥାଏ, ଯେପରି କେଉଁ ନିର୍ଦ୍ଦିଷ୍ଟ କଲେଜରେ ଯୋଗଦେବ ଏବଂ କେତେବେଳେ ଓ କାହାକୁ ବାହା ହେବ, ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମାନଙ୍କାରେ ତରବରିଆ ନିଷ୍ପତି ନିଆଯାଇ ପାରିବ ନାହିଁ। ତେଣୁ ଯେତେବେଳେ ଆମ ପାଖରେ ଚିନ୍ତା କରିବା ପାଇଁ ସମୟ ଥାଏ ଏବଂ ତାହା ବ୍ୟକ୍ତିଗତଭାବେ ପ୍ରାସଙ୍ଗିକ ସେତେବେଳେ ମନୋବୃତ୍ତି ଓ ବ୍ୟବହାର ମଧ୍ୟରେ ସଂପର୍କ ଦୃଢ଼ ହେବ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୫.୩

ମନୋବୃତ୍ତି ମାନଙ୍କର ତାଲିକାଟିକୁ ଯତ୍ନର ସହିତ ପଢ଼ ଏବଂ କେଉଁ ପ୍ରକାରର ଶିକ୍ଷଣ ଏହି ମନୋବୃତ୍ତି ଗଠନରେ ବ୍ୟବହୃତ ହୋଇଛି ତାହା ଦର୍ଶାଅ: ପ୍ରତ୍ୟକ୍ଷ ସଂପର୍କ, ପ୍ରତ୍ୟକ୍ଷ ନିର୍ଦ୍ଦେଶ, ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟା ଏବଂ ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ।

୧. ଆଶାର ମାଆ ଘରେ ଥିଲାବେଳେ ଏବଂ ଗାଡି ଚଲାଇବା ବେଳେ ହିନ୍ଦୀ ଶାସ୍ତ୍ରୀୟ ସଙ୍ଗୀତ ଶୁଣନ୍ତି। ଆଶା ଏହି ଗୀତ ଶୁଣି ଶୁଣି ବଡ ହୋଇଛି ଏବଂ ବର୍ତ୍ତମାନ ସେ ମଧ୍ୟ ଏହି ପ୍ରକାରର ସଙ୍ଗୀତ ଶୁଣିବାକୁ ଭଲପାଏ।

୨. ଅମିତର ବାପା ତାଙ୍କ ପୁଅ ପାଖରେ ବସନ୍ତି ଏବଂ କାହିଁକି ଧୂମପାନ ବନ୍ଦ କରିବା ଓ ଏକ ସୁସ୍ଥ ଜୀବନ ଅତିବାହିତ କରିବା ଜରୁରୀ ତାହା ବୁଝାନ୍ତି। ଫଳରେ ଅମିତ୍ ଧୂମପାନ ବନ୍ଦ କରେ।

୩. ଶେଖର ଦେଖେଯେ ତାର ବାପା ମାଆ, ବଡ ଭାଇ, ଦାଦା ଏବଂ ଅନ୍ତରଙ୍ଗ ସାଙ୍ଗମାନେ କଠିନ ପରିଶ୍ରମକୁ ଗୁରୁତ୍ୱ ଦେଉଛନ୍ତି ଏବଂ କାର୍ଯ୍ୟପ୍ରତି ପ୍ରତିଜ୍ଞାବଦ୍ଧ ଅଟନ୍ତି। ତାର ମଧ୍ୟ ପାଠପଢ଼ା ପ୍ରତି ଏପ୍ରକାର ମନୋବୃତ୍ତି ସୃଷ୍ଟି ହୁଏ।

୪. ପାଞ୍ଚବର୍ଷର ଝିଅ ରେଖା ଦେଖେ ଯେ, ତାର ଜେଜେ ମାଆ ପ୍ରତିଦିନ ସକାଳେ ପ୍ରାର୍ଥନା କରନ୍ତି। ବର୍ତ୍ତମାନ ସେ ମଧ୍ୟ ତାର ଜେଜେ ମାଆଙ୍କ ସହିତ ବସି ପ୍ରାର୍ଥନା କରିବା ଆରମ୍ଭ କରିଛି।

୫. ପାଞ୍ଚ ବର୍ଷ ବୟସର ମେହକ୍ ଏବେ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖିଛି। ତାର ଶ୍ରେଣୀ ଗୃହ ଖୁବ୍ ରଙ୍ଗୀନ ଓ ବହୁତ ଗୁଡିଏ ଖେଳନାରେ ସଜ୍ଜିତ। ତାର ଶିକ୍ଷକ ସ୍ନେହୀ ଓ ଆନନ୍ଦ ଦାୟକ। ସେ ସବୁଦିନ ସ୍କୁଲକୁ ଖୁସିରେ ଯାଏ।

୧୫.୪ ବିଶ୍ୱାସ ଏବଂ ବ୍ୟବହାର

ମନୋବୃତ୍ତି ପରି ଆମର ଆମ ଉପରେ ଏବଂ ଆମ ଚାରିପାଖରେ ଥିବା ଲୋକ ଓ ବସ୍ତୁ ମାନଙ୍କ ଉପରେ ବିଶ୍ୱାସ ରହିଛି। କୌଣସି ଜିନିଷକୁ ସତ୍ୟ ବୋଲି ଗ୍ରହଣ କରିବାକୁ ବିଶ୍ୱାସ କୁହାଯାଏ। ପ୍ରକୃତରେ ଯେତେବେଳେ ଜଣଙ୍କର ଦୃଢ଼ ବିଶ୍ୱାସ ଥାଏ ଏହାକୁ ପ୍ରାୟତଃ ଭଙ୍ଗାଯାଇ ପାରେନାହିଁ। ଉଦାହରଣ ସ୍ୱରୂପ ବିଶ୍ୱାସ କରାଯାଏ ଯେ, ଅଲୌକିକ ଶକ୍ତି ମଣିଷର ଭାଗ୍ୟ ନିୟନ୍ତ୍ରଣ କରେ, ଭଗବାନ ଅତି ବଳବାନ କିମ୍ବା ପରଜନ୍ମ ଉପରେ ବିଶ୍ୱାସ। ଥରେ ଗୋଟିଏ ବିଶ୍ୱାସ ଗଠିତ ହେବା ପରେ ତୁମେ କୌଣସି ଘଟଣା ଘଟିବା ଏବଂ ତୁମେ ଓ ଅନ୍ୟମାନେ କିପରି ବ୍ୟବହାର କରିପାରନ୍ତି ସେ ବିଷୟରେ ଦୃଢ଼ ନିଶ୍ଚିନ୍ତ ହୋଇଯାଅ। କାହିଁକି ଲୋକେ ନିର୍ଦ୍ଦିଷ୍ଟ ବ୍ୟବହାର ଦେଖାନ୍ତି କିମ୍ବା କାହିଁକି ଗୋଟିଏ ଘଟଣା ଘଟିଲା ଏହା ବୁଝିବାରେ ଆମକୁ ସାହାଯ୍ୟ କରେ। ସାମାଜିକ ଜଗତରେ ଅନୁଭୂତିମାନଙ୍କୁ ସଂଗଠିତ କରିବାରେ ଏବଂ ଆମ ନିଜ ବ୍ୟବହାର ସହିତ ଘଟଣାମାନ ଘଟିବା ବିଷୟରେ ପୂର୍ବାନୁମାନ କରିବା କ୍ଷେତ୍ରରେ ବିଶ୍ୱାସ ଆମକୁ ସାହାଯ୍ୟକରେ।

୧୫.୫ ସମାଜିକ ଜ୍ଞାନ

ସାମାଜିକ ଜ୍ଞାନ ଆମର ମନ ଆମ ଚାରିପାଖରେ ଥିବା ଜଗତକୁ ବୁଝିବାକୁ ଚେଷ୍ଟା କରେ ଏବଂ ସେଠାରେ ଢଙ୍ଗରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ ଉପଯୋଗକ୍ଷମ ସମାଯୋଜନ କରିଥାଏ। ଯେତେବେଳେ ତୁମ ସାଙ୍ଗ ତୁମକୁ ତାର ଜନ୍ମଦିନ ପାଇଁ ନିମନ୍ତ୍ରଣ କରେ ତୁମେ ଏ ବିଷୟରେ ଅନେକ କିଛି ଜାଣିଥାଅ-କେଉଁ ପ୍ରକାରର ପୋଷାକ ପିନ୍ଧିବ, ତୁମେ ଏକ ଉପହାର ନେବ, ସେଠାରେ ବହୁତ ସାଙ୍ଗଥିବେ, ଜନ୍ମଦିନ କେକ୍ ଓ ଭଲ ଖାଦ୍ୟ ଇତ୍ୟାଦି ଥିବ। ତୁମେ ଏ ବିଷୟରେ କିପରି ଜାଣିଲ ? ଜନ୍ମଦିନ ଉତ୍ସବ ଏବଂ ତତ୍ ସଂପର୍କୀୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତୁମର ପୂର୍ବ ଅନୁଭୂତି ଏବଂ ସୂଚନା ତୁମକୁ "ଜନ୍ମଦିନ ଉତ୍ସବ"ରେ ଏକ ପ୍ରତିଛବି ଗଠନ କରିବାରେ ସାହାଯ୍ୟକରେ ଯାହାକି ଅନ୍ୟ ପ୍ରକାରର ଉତ୍ସବ ପାଳନ ଠାରୁ ଭିନ୍ନପ୍ରକାରର।

ସାମାଜିକ ଜଗତରୁ ସୂଚନା ଗ୍ରହଣ କରି ତାକୁ ବ୍ୟାଖ୍ୟା, ବିଶ୍ଳେଷଣ ଏବଂ ମନେ ରଖିବାକୁ ସାମାଜିକ ଜ୍ଞାନ କୁହାଯାଏ। ଯଦ୍ୱାରା ଆମ ଚାରିପାଖରେ ଥିବା ବ୍ୟକ୍ତି ବିଶେଷଙ୍କ ବିଷୟରେ ଆମେ ଚିନ୍ତା, ଓ ଅନୁଭବ କରିପାରୁ ଏବଂ ସେମାନଙ୍କୁ ବୁଝିବାକୁ ସକ୍ଷମ ହୋଇପାରୁ। କିନ୍ତୁ ଆସୁଥିବା ସୂଚନା ଗୁଡିକ ଏତେ ଅଧିକ ଯେ ଏହାକୁ ଏକ ମନୋକଳ୍ପ ରୂପେ ସଂଗଠିତ କରିବା ପାଇଁ ଆମକୁ ଶିକ୍ଷା କରିବାକୁ ପଡେ। ସାମାଜିକ ବସ୍ତୁ, ଘଟଣା ଏବଂ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ବିଶ୍ୱାସ, ସୂଚନା ଏବଂ ଉଦାହରଣର ଅନ୍ତଃସଂଯୋଗର ବିନ୍ୟାସକୁ ମନୋକଳ୍ପ କୁହାଯାଏ। ଥରେ ମନୋକଳ୍ପ ଗଠନ ହେଲାପରେ ଏହା ଆମର ଚିନ୍ତନ ଏବଂ ବ୍ୟବହାରକୁ ପଥ ପ୍ରଦର୍ଶନ କରେ। ସେମାନେ ସୂଚନାକୁ ସରଳୀକରଣ କରିଥାନ୍ତି। ଫଳତଃ, ଆମେ ନୂଆ ସୂଚନାର ଅର୍ଥ ନିରୂପଣ ଶୀଘ୍ର କରିପାରୁ। ବ୍ୟକ୍ତି, ଘଟଣା ଏବଂ ସାମାଜିକ ଭୂମିକାକୁ ନେଇ ବିଭିନ୍ନ ପ୍ରକାରର ମନୋକଳ୍ପ ରହିଛି।

କାର୍ଯ୍ୟାବଳୀ - ୪

ମନୋକଳ୍ପ - ଯୁବା ବନାମ ପୁରାତନ ପୀଢ଼ି

ଜଣେ ବୟସ୍କ ବ୍ୟକ୍ତିଙ୍କୁ (ଜଣେ ପୁରୁଷ କିମ୍ବା ମହିଳା) ତାଙ୍କୁ ନିଜ ବିଷୟରେ ବର୍ଣ୍ଣନା କରି ଗୋଟିଏ ତାଲିକା ଏବଂ ଯୁବପୀଢ଼ିଙ୍କୁ ବର୍ଣ୍ଣନା କରି ଅନ୍ୟ ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କର। ଜଣେ କିଶୋର (ଜଣେ ଯୁବକ କିମ୍ବା ଯୁବତୀ)ଙ୍କୁ ମଧ୍ୟ କୁହ ତାଙ୍କ ବିଷୟରେ ଏବଂ ପୁରାତନ ପୀଢ଼ି ବିଷୟରେ ବର୍ଣ୍ଣନା କରିବା ପାଇଁ। ବର୍ତ୍ତମାନ ଦୁଇଟି ଯାକ ତାଲିକାକୁ ତୁଳନା କରି ଦେଖ କିପରି ପ୍ରତ୍ୟେକ ଦଳର ନିଜର ଏବଂ ତା ସହିତ ଅନ୍ୟ ସାମାଜିକ ଦଳ ପାଇଁ ଏକ ନିର୍ଦ୍ଦିଷ୍ଟ ମନୋକଳ୍ପ ରହିଛି।

ଆମେ ମଧ୍ୟ ସୂଚନାର ଅତିରିକ୍ତ ଭାରକୁ କମାଇବା ପାଇଁ ଅନ୍ୟଉପାୟ ଖୋଜିଥାଉ। ଆମେ କିପରି ଜଟିଳ ନିଷ୍ପତି ଗୁଡିକ ଶିଘ୍ର ନିଆଯାଇପାରିବ ତାର ସରଳ ନିୟମ ବ୍ୟବହାର କରିଥାଉ। ଯଦି ତୁମକୁ କୁହାଯାଏ ଜଣେ ବ୍ୟକ୍ତିଙ୍କୁ ଚିହ୍ନଟ କର ଯିଏ କି ବିମୂର୍ତ୍ତମନା, ନିଜ କାର୍ଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ, ବହୁତ ସମୟ ଧରି କାର୍ଯ୍ୟ କରନ୍ତି, ଛାତ୍ରମାନେ ତାଙ୍କୁ ସବୁବେଳେ ଘେରି ରହିଥାନ୍ତି - ବ୍ୟକ୍ତିଙ୍କର ନାମ କରଣକର। ହଁ ତୁମେ ସମ୍ଭବତଃ ତାଙ୍କୁ କୁହ 'ପ୍ରଫେସର'। କାରଣ ଏଗୁଡିକ ଜଣେ ପ୍ରଫେସରର ବିଶିଷ୍ଟ ଲକ୍ଷଣ। ସେହିପରି ଜଣେ ଡାକ୍ତର, ନୃତ୍ୟଶିଳ୍ପୀ ଏବଂ ରାଜନୈତିକ ବ୍ୟକ୍ତିଙ୍କର ବିଶିଷ୍ଟ ଲକ୍ଷଣ ଥାଏ।

ଗୁଣାରୋପଣ : ବ୍ୟବହାରର କାରଣ ବୁଝିବା

ଆମେ ମଧ୍ୟ ଆମ ନିଜର ଏବଂ ଅନ୍ୟମାନଙ୍କର ବ୍ୟବହାରର କାରଣ ଅନୁସନ୍ଧାନ କରୁ। ଏହାକୁ ଗୁଣାରୋପଣ କୁହାଯାଏ। ଯଦି ତୁମ ସାଙ୍ଗ ତାର ଜନ୍ମଦିନରେ ତୁମକୁ ନିମନ୍ତ୍ରଣ ନକରେ ତୁମେ ପ୍ରଶ୍ନକର କାହିଁକି ସେ ଏପରି କଲା। ତେଣୁ ଆମ୍ଭେମାନେ ସରଳ ବୈଜ୍ଞାନିକଙ୍କ ପରି କାରଣ ଏବଂ ପ୍ରଭାବ ମଧ୍ୟରେ ସଂପର୍କ ସ୍ଥାପନ କରିବା ପାଇଁ ପ୍ରୟାସ କରିଥାଉ। ଯଦି ତୁମେ ପରୀକ୍ଷାରେ ଖରାପ କର ସେଥି ପାଇଁ କେଉଁ କାରଣ ଏବଂ ତୁମେ ଯେତେବେଳେ ଭଲ କର, ତୁମେ କ'ଣ କାରଣ ଦେଖାଇବ ? ତୁମେ ତୁମର ସଫଳତା କିମ୍ବା ବିଫଳତାନିମନ୍ତେ ତୁମର ଅନ୍ତର୍ନିହିତ ବ୍ୟକ୍ତିଗତ କାରଣକୁ (ଉଦାହରଣ "ମୁଁ ଖରାପ କରିଛି କାରଣ ମୁଁ ପରିଶ୍ରମ କରିନାହିଁ" କିମ୍ବା "ମୁଁ ପରୀକ୍ଷାରେ ଭଲ କରିଛି, କାରଣ ମୁଁ ବହୁତ ପରିଶ୍ରମ କରିଛି") ଦର୍ଶାଇପାର। ଅନ୍ୟପକ୍ଷରେ, ବ୍ୟକ୍ତି ପରିସର ବାହାରେ ଅନ୍ୟ ଯାହା କିଛି ବାହ୍ୟ କାରଣର ଅନ୍ତର୍ଭୁକ୍ତ। ଉଦାହରଣ ସ୍ୱରୂପ, "ମୁଁ ପରୀକ୍ଷାରେ ଖରାପ କରିଛି, କାରଣ ପ୍ରଶ୍ନ ବହୁତ କଷ୍ଟ ପଡିଥିଲା।"

ସାମାଜିକ ଜ୍ଞାନରେ ତ୍ରୁଟି ବା ପୂର୍ବାଗ୍ରହର ଉତ୍ସ

ଅନ୍ତର୍ନିହିତ ବା ବାହ୍ୟ କାରଣ ଆମକୁ ମୌଳିକ ଅନ୍ୟାରୋପିତ ତ୍ରୁଟି କରିବା ପାଇଁ ବାଟ କଢ଼ାଏ। ଉଦାହରଣ ସ୍ୱରୂପ, ଯେତେବେଳେ ଆମେ ଦେଖୁ ଜଣେ ବ୍ୟକ୍ତି ସଭାକୁ ଆସିବାକୁ ବିଳମ୍ୱ କରନ୍ତି ଓ ତାଙ୍କର ଲେଖା ଭାଷଣକୁ ତଳେ ପକାଇ ଦିଅନ୍ତି, ସମ୍ଭବତଃ ଆମେ ତାଙ୍କୁ ଜଣେ ଅସଂଗଠିତ ଏବଂ ଦକ୍ଷତାହୀନ ବ୍ୟକ୍ତି ବୋଲି କହିଥାଉ। "ବିଳମ୍ୱରେ ଆସିବା" ଓ "ଲେଖା ଭାଷଣକୁ ତଳେ ପକାଇବା"ଅନ୍ତର୍ନିହିତ କାରଣ ଯୋଗୁଁ ହେଉଛି ବୋଲି ଆମେ କହୁ। ଆମେ ସେହି ଅବସ୍ଥାରେ ନିଜେ ରହିଲା ବେଳେ ଏହାକୁ ବାହ୍ୟ କାରଣ ଯୋଗୁ ହେଲା ବୋଲି କହିଥାଉ। ଯେମିତି ରାସ୍ତାରେ ଭିଡ ଥିଲା କିମ୍ବା ଚଟାଣ ଖସଡାଥିଲା ବୋଲି କହିଥାଉ। ତେଣୁ ଆମେ ଅନ୍ୟମାନଙ୍କୁ ପ୍ରତ୍ୟକ୍ଷଣ କଲାବେଳେ ସେମାନଙ୍କର ବ୍ୟବହାର ଅନ୍ତର୍ନିହିତ କାରଣ ଯୋଗୁ ହେଉଛି ବୋଲି ବିଚାର କରୁ ଏବଂ "ସେ ସେହି ପ୍ରକାରର ବ୍ୟକ୍ତି" ବୋଲି କହିଥାଉ। ସେଭଳି ସ୍ଥାନରେ ଆମ ନିଜର ବ୍ୟବହାରକୁ ପରିସ୍ଥିତି ବା ବାହ୍ୟକାରଣକୁ ଦାୟୀକରୁ।

ଆମର ସାମାଜିକ ଜଗତକୁ ବୁଝିବା ପାଇଁ ପ୍ରୟାସ କଲାବେଳେ ଆମେ ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି କରିଥାଉ। ଚାଲ ଏହି ପୂର୍ବାଗ୍ରହ ବିଷୟରେ ଶିକ୍ଷା କରିବା। ଆମେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସକରାତ୍ମକ ଘଟଣା ଅନୁଭବ କରିବାର ସମ୍ଭାବନା ଥାଏ। ଏହି ପ୍ରବୃତ୍ତିକୁ ଆଶାବାଦୀ ପୂର୍ବାଗ୍ରହ କୁହାଯାଏ। ଉଦାହରଣ ସ୍ୱରୂପ, ଚାକିରୀ ନପାଇବା କିମ୍ବା ରୋଗରେ ପଡ଼ିବା ଅପେକ୍ଷା ଆମେ ବିଶ୍ୱାସ କରୁ ଆମେ ପାଠରେ ଭଲ କରିବୁ, ଭଲ ଚାକିରୀ

କରିବୁ, ସୁଖକର ଜୀବନ ବିତାଇବୁ।

ଆମର ମଧ୍ୟ ଦୃଢ ନକାରୀ ପୂର୍ବାଗ୍ରହ ରହିଛି। ନକରାତ୍ମକ ସୂଚନା ପ୍ରତି ସମ୍ବେଦନଶୀଳତାକୁ ନକାରୀ ପୂର୍ବାଗ୍ରହ କୁହାଯାଏ। ଏହି ନକାରୀ ସୂଚନା ଉପରେ ଆମେ ଅଧିକ ମନୋଯୋଗ ଓ ଗୁରୁତ୍ୱ ଦେଇଥାଉ। ଯେତେବେଳେ ଆମେ ଜଣେ ବ୍ୟକ୍ତିଙ୍କ ବିଷୟରେ ସୂଚନା ପାଉ ଯେ, ସେ ବନ୍ଧୁଭାବାପନ୍ନ, ବୁଦ୍ଧିମାନ, ଦେଖିବାକୁ ସୁନ୍ଦର ଏବଂ ଅହଂକାରୀ, ଏହି ସୂଚନାର କେଉଁ ଅଂଶଟି ଅଲଗା ଦେଖାଯିବାର ସମ୍ଭାବନା ରହିଛି ଏବଂ ମନେ ରହିବ ? ହଁ, ସରକାରୀ ସୂଚନା ଅପେକ୍ଷା ନକାରୀ ସୂଚନାର ଅଧିକ ପ୍ରଭାବ ରହିବ।

ଆମେ ସବୁବେଳେ ଚିନ୍ତାକରୁ "କ'ଣ ହୋଇଥାନ୍ତା" ଏହା ପ୍ରତିତଥ୍ୟାତ୍ମକ ଚିନ୍ତନ ଅଟେ। ଉଦାହରଣ ସ୍ୱରୂପ, ଆମେ ଯେତେବେଳେ ପରୀକ୍ଷାରେ ଭଲ ଫଳ ଆଶା କରିଥାଉଁ କିନ୍ତୁ ପାଏନାହିଁ, ସେତେବେଳେ ସୁଯୋଗକୁ ହାତଛଡ଼ା କରିଥିବା ଯୋଗୁ ଆମେ ବହୁତ ପଶ୍ଚାତାପ କରୁ। ତୁମେ ହୁଏତ କହିପାର "ମୋର ପରୀକ୍ଷାରେ ପ୍ରଥମ ସ୍ଥାନ ପାଇବା ପାଇଁ ଏବଂ ମେଧାବୃତ୍ତି ପାଇବା ପାଇଁ ଆହୁରି ଅଧିକ ପଢ଼ିବା ଉଚିତ୍ ଥିଲା।" ଏହି ଭାବନା ତୁମକୁ ଅବସାଦ ଦେଇପାରେ କିମ୍ବା ପରବର୍ତ୍ତୀ ସମୟରେ ତୁମେ ଅଧିକ ଅଧ୍ୟୟନ କରିପାର।

ଆମର ଏକ ପ୍ରବୃତ୍ତି ହେଉଛି ଯେଉଁ ସୂଚନା ଗୁଡ଼ିକ ଆମର ବିଶ୍ୱାସକୁ ଅନୁସରଣ କରେ ନାହିଁ ସେଗୁଡ଼ିକୁ ଆମେ ପ୍ରତ୍ୟାଖ୍ୟାନ କରୁ ଏବଂ ସେଭଳି ସୂଚନାମାନଙ୍କୁ ଦୃଷ୍ଟି ଦେଉ ବା ଅନୁସନ୍ଧାନ କରୁ ଯେଉଁ ଗୁଡ଼ିକ ଆମର ବିଶ୍ୱାସ ସପକ୍ଷରେ ଥିବେ। ଏହାକୁ ଦୃଢ଼ିକରଣ ପୂର୍ବାଗ୍ରହ ବୋଲି କୁହାଯାଏ। ଏହାଦ୍ୱାରା ଲୋକମାନେ ମୌଳିକ ସୂଚନାକୁ ଉପେକ୍ଷା କରି ବସ୍ତୁର ଭିନ୍ନ ଗୁଣାବଳୀ ଦ୍ୱାରା ପ୍ରଭାବିତ ହୋଇପଡ଼ନ୍ତି।

ଏହା କୁହାଯାଇପାରେ ଯେ, ଯେଉଁ ସମୟରେ ଆମେ ଅନ୍ୱେଷଣାତ୍ମକୁ ସୂତ୍ରକୁ ସରଳ ଉପାୟ ଭାବେ ବ୍ୟବହାର କରୁ ଏବଂ ସବିଶେଷ ଚିନ୍ତା କରିବାକୁ ଚେଷ୍ଟା କରେନାହିଁ ନିର୍ଦ୍ଦିଷ୍ଟ ଭାବେ ସେହି ସମୟରେ ହିଁ ଆମେ ଭୁଲ କରିଥାଉ। ପୁନଶ୍ଚ ଗୁରୁତ୍ୱ ନଥିବା ଘଟଣାରେ ଆମେ ଅନ୍ୱେଷଣାତ୍ମକ ସୂତ୍ର ଓ ସ୍ୱତଃ ପ୍ରକ୍ରିୟା କରଣ ବ୍ୟବହାର କରୁଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଘଟଣା ନିମନ୍ତେ ସଚେତନ ପ୍ରକ୍ରିୟାକରଣ ବ୍ୟବହାର କରି ଉତ୍ତମ ନିଷ୍ପତ୍ତି ନେଇଥାଏ। ଯଦିଓ ଆମେ ଏହି ଭୁଲ ଗୁଡ଼ିକ କରୁ ସେମାନେ ଆମକୁ ପରିସ୍ଥିତି ସହିତ ପ୍ରତିଯୋଜନ କରିବାରେ ସାହାଯ୍ୟ କରନ୍ତି। ଏଗୁଡ଼ିକ ଆମପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ସୂଚନାକୁ ଦୃଷ୍ଟି ଦେବାରେ ସାହାଯ୍ୟ କରନ୍ତି ଏବଂ ଜଗତକୁ ବୁଝିବା ପାଇଁ ଆମ ଶ୍ରମକୁ ଲାଘବ କରନ୍ତି।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୫.୪

ଶୂନ୍ୟସ୍ଥାନ ପୂରଣ କର:

୧. ____________ ସୂଚନାକୁ ସରଳୀକରଣ କରିବାରେ ସାହାଯ୍ୟକରେ ଯଦ୍ୱାରା ଆମେ ନୂଆ ସୂଚନାର ଅର୍ଥ ଅବିଳମ୍ବେ ନିରୂପଣ କରିପାରୁ। (ମନୋକଳ୍ପ, ସାମାଜିକ ଜ୍ଞାନ)

୨. ____________ ବ୍ୟକ୍ତିଗତ ଅନୁଭୂତି ଏବଂ ସାମାଜିକ ଭାବ ବିନିମୟ ଦ୍ୱାରା ଶିକ୍ଷା କରାଯାଏ।

(ବ୍ୟକ୍ତିଗତ ମନୋକଳ୍ପ, ଭୂମିକା ମନୋକଳ୍ପ, ଘଟଣା ସମ୍ବନ୍ଧୀୟ ମନୋକଳ୍ପ)

୩. ନକାରୀ ସୂଚନା ପ୍ରତି ସଂବେଦନଶୀଳତା ପ୍ରବୃତ୍ତିକୁ ____________ କୁହାଯାଏ।

(ପ୍ରତିତଥ୍ୟାତ୍ମକ ଚିନ୍ତନ, ନକାରୀ ପୂର୍ବାଗ୍ରହ)

୪. ଯେତେବେଳେ କୌଣସି ବିଷୟରେ ଚିନ୍ତା କରିବାରୁ ନିଜକୁ କ୍ଷାନ୍ତ ରଖୁ, ଆମେ ____________ରେ ପ୍ରବୃତ୍ତ ରହୁ।

(ପ୍ରତିତଥ୍ୟାତ୍ମକ ଚିନ୍ତନ, ଚିନ୍ତନ ଅବଦମନ)

ତୁମେ କ'ଣ ଶିକ୍ଷା କଲ

- ବ୍ୟକ୍ତି, ବସ୍ତୁ, ଧାରଣା ବା ଘଟଣାର ଅନୁକୂଳ ବା ପ୍ରତିକୂଳ ମୂଲ୍ୟାୟନକୁ ମନୋବୃତ୍ତି କୁହାଯାଏ। ମନୋବୃତ୍ତି ପରସ୍ପର ସହ ସମ୍ପର୍କ ରଖିଥିବା ତିନିଗୋଟି ଉପାଦାନକୁ ନେଇ ଗଠିତ : ଜ୍ଞାନାତ୍ମକ, ଭାବାତ୍ମକ ଏବଂ ବ୍ୟବହାରାତ୍ମକ ଅଂଶ। ସେମାନେ ମିଳିତ ହୋଇ ଗୋଟିଏ ବସ୍ତୁ ପ୍ରତି ମନୋବୃତ୍ତି ସୃଷ୍ଟି କରନ୍ତି।
- ଜଗତକୁ ବୁଝିବା, ସାମାଜିକ ସମୂହକୁ ବର୍ଣ୍ଣନା କରିବା, ଏବଂ ଆମର ପରିଚୟ ଓ ଅନ୍ୟମାନଙ୍କର ସ୍ୱୀକୃତି ପାଇବାରେ ମନୋବୃତ୍ତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ।
- ମନୋବୃତ୍ତି ବିଭିନ୍ନ ପ୍ରକାରର ଶିକ୍ଷଣ ଦ୍ୱାରା ଗଠନ ହୋଇଥାଏ : ପତ୍ୟକ୍ଷ ସଂପର୍କ, ପ୍ରତ୍ୟକ୍ଷ ନିର୍ଦ୍ଦେଶ, ଅନ୍ୟମାନଙ୍କ ସହ ପାରସ୍ପରିକ କ୍ରିୟା ଏବଂ ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ।
- ମନୋବୃତ୍ତି ଥରେ ଗଠିତ ହୋଇଗଲାପରେ ପରିବର୍ତ୍ତନ ହେବା କଷ୍ଟକର। ତଥାପି ଏଥିରେ ପରିବିର୍ତ୍ତନ ମଧ୍ୟ ସମ୍ଭବ। କାରଣ ମନୋବୃତ୍ତି ନୂତନ ପରିସ୍ଥିତିରେ ଶିକ୍ଷା କରାଯାଇପାରେ।
- ମନୋବୃତ୍ତିର ପରିବର୍ତ୍ତନ ଦୁଇ ପ୍ରକାରର: ସଙ୍ଗତିପୂର୍ଣ୍ଣ ଏବଂ ଅସଙ୍ଗତିପୂର୍ଣ୍ଣ ପରିବର୍ତ୍ତନ। ସଙ୍ଗତିପୂର୍ଣ୍ଣ ମନୋବୃତ୍ତି ପରିବର୍ତ୍ତନ ସହଜ ଅଟେ।
- ମନୋବୃତ୍ତି ଆଧାର, ବାର୍ତ୍ତା ଏବଂ ଉଦ୍ଦିଷ୍ଟ ବ୍ୟକ୍ତି ଉପରେ ନିର୍ଭର କରେ।
- କେଉଁ ପରିସ୍ଥିତିରେ ମନୋବୃତ୍ତି ବ୍ୟବହାର ବିଷୟରେ ପୂର୍ବ ସୂଚନା ଦେଇଥାଏ: ଯେତେବେଳେ ମନୋବୃତ୍ତି ଦୃଢ଼ ଓ ସ୍ଥିରଥାଏ, ମନୋବୃତ୍ତି ବିଷୟରେ ସଚେତନ ରହିବା, ମନୋବୃତ୍ତି ଗଠନରେ ପ୍ରତ୍ୟକ୍ଷ ଅନୁଭୂତି ଏବଂ କମ୍ ବାହ୍ୟ ପ୍ରଭାବ।
- ସାମାଜିକ ଜଗତକୁ ବୁଝିବାର ପ୍ରୟାସକୁ ସାମାଜିକ ଜ୍ଞାନ କୁହାଯାଏ। ସାମାଜିକ ଜଗତରୁ ଗ୍ରହଣ କରାଯାଉଥିବା ସୂଚନାକୁ ସଂଗଠିତ କରିବାରେ ମନୋକଳ୍ପ ଏବଂ ଅନ୍ୱେଷଣାତ୍ମକସୂତ୍ର ଆମକୁ ସାହାଯ୍ୟ କରେ।
- କାରଣ ଆରୋପ ପ୍ରକ୍ରିୟା ଆମକୁ ବ୍ୟବହାରରେ ଅନ୍ତର୍ନିହିତ ବା ବାହ୍ୟକାରଣକୁ ଅନ୍ୱେଷଣ କରିବାରେ ସାହାଯ୍ୟ କରେ।
- ସାମାଜିକ ଜ୍ଞାନରେ ବହୁତ ତ୍ରୁଟି ହୋଇଯାଏ: ଯଥା, ନକରାତ୍ମକ ଓ ସକାରାତ୍ରୁଟି, ପ୍ରତିତଥ୍ୟାତ୍ମକ ଚିନ୍ତନ, ଏବଂ ଚିନ୍ତନ ଅବଦମନ।

ଅନ୍ତିମ ପ୍ରଶ୍ନାବଳୀ

୧. ମନୋବୃତ୍ତିକୁ ବ୍ୟାଖ୍ୟାକର। ମନୋବୃତ୍ତିର ତିନୋଟି ଉପାଦାନକୁ ବର୍ଣ୍ଣନା କର।

୨. ମନୋବୃତ୍ତିର କାର୍ଯ୍ୟାବଳୀ ସଂକ୍ଷିପ୍ତ ଭାବେ ବର୍ଣ୍ଣନା କର। ତୁମର ଉତ୍ତରକୁ ଉଦାହରଣ ସହ ବୁଝାଅ।

୩. ମନୋବୃତ୍ତି କିପରି ଗଠନ ହୁଏ ? ଉଦାହରଣ ସହ ବୁଝାଅ।

୪. ମନୋବୃତ୍ତିକୁ ପରିବର୍ତ୍ତନ କରାଯାଇ ପାରେ କି ? ମନୋବୃତ୍ତି ପରିବର୍ତ୍ତନକୁ ସାହାଯ୍ୟ କରୁଥିବା ତିନୋଟି ଉତ୍ପାଦକ ବିଷୟରେ ବର୍ଣ୍ଣନା କର।

୫. ମନୋବୃତ୍ତି ଓ ବ୍ୟବହାର ମଧ୍ୟରେ ସଂପର୍କକୁ ବର୍ଣ୍ଣନା କର। କେଉଁ ପରସ୍ଥିତିରେ ମନୋବୃତ୍ତି-ବ୍ୟବହାର ସଂପର୍କ ଦୃଢ଼ ହୋଇପାରିବ, ତାହା ସ୍ପଷ୍ଟଭାବେ ଉଲ୍ଲେଖ କର।

୬. ସାମାଜିକ ଜ୍ଞାନକୁ ବ୍ୟାଖ୍ୟା କର। ଚିନ୍ତନ ଏବଂ ବ୍ୟବହାରକୁ ସଂଗଠିତ କରିବାରେ ମନୋକଳ୍ପର ଭୂମିକା ବର୍ଣ୍ଣନା କର।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର

୧୫.୧

(୧) ମିଥ୍ୟା (୨) ସତ୍ୟ (୩) ମିଥ୍ୟା (୪) ସତ୍ୟ (୫) ସତ୍ୟ

୧୫.୨

(୧)ଠିକ୍ (୨) ଠିକ୍ (୩) ଭୂଲ (୪) ଭୂଲ (୫) ଠିକ

୧୫.୩

୧. ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ
୨. ପ୍ରତ୍ୟକ୍ଷ ନିର୍ଦ୍ଦେଶ
୩. ଅନ୍ୟମାନଙ୍କ ସହ ପାରସ୍ପରିକ କ୍ରିୟା
୪. ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ
୫. ପ୍ରତ୍ୟକ୍ଷ ସଂପର୍କ

୧୫.୪

୧. ମନୋକଳ୍ପ
୨. ଘଟଣାତ୍ମକ ମନୋକଳ୍ପ
୩. ନକରାତ୍ମକ ତ୍ରୁଟି
୪. ଚିନ୍ତନ ଅବଦମନ

ଅନ୍ତିମ ପ୍ରଶ୍ନାବଳୀ ପାଇଁ ସୂଚନା

୧. ୧୫.୧ ଭାଗ ଦେଖ
୨. ୧୫.୧ ଭାଗ ଦେଖ
୩. ୧୫.୨ ଭାଗ ଦେଖ
୪. ୧୫.୨ ଭାଗ ଦେଖ
୫. ୧୫.୩ ଭାଗ ଦେଖ
୬. ୧୫.୫ ଭାଗ ଦେଖ

୧୬

ସାମାଜିକ ଏବଂ ଶିକ୍ଷାଗତ ସମସ୍ୟା

ବ୍ୟବସ୍ଥା ସ୍ତରରେ ବିଭିନ୍ନ ବାଧା ବିଘ୍ନ ଯୋଗୁଁ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇ ଲୋକମାନେ ସେମାନଙ୍କ ଦଳ ବା ଗୋଷ୍ଠୀର ପ୍ରକୃତ ଲକ୍ଷ୍ୟ ସାଧନ କରିପାରନ୍ତି ନାହିଁ ତାହାକୁ ସାମାଜିକ ସମସ୍ୟା କୁହାଯାଏ। ଲୋକେ ଉତ୍ପୀଡ଼ିତ ହୁଅନ୍ତି ଏବଂ ଅନଗ୍ରସର ଅବସ୍ଥାରେ ଜୀବନ ବିତାନ୍ତି। ସେମାନେ ଭଲ ଶିକ୍ଷା ପାଆନ୍ତି ନାହିଁ ଏବଂ ପାତର ଅନ୍ତର ଓ ପୂର୍ବାଗ୍ରହର ଶିକାର ହୁଅନ୍ତି। ଏହା ସବୁ ସାମାଜିକ ସମସ୍ୟାର ଦୃଷ୍ଟାନ୍ତ। ଏହି ସମସ୍ୟା ସବୁର ସାମାଜିକ, ଅର୍ଥନୈତିକ, ମନସ୍ତାତ୍ତ୍ୱିକ ଏବଂ ଐତିହାସିକ ଦଗମାନ ରହିଛି ଏବଂ ବହୁତ ଦିଗରୁ ଏଗୁଡ଼ିକର ସମାଧାନ ପାଇଁ ଚେଷ୍ଟା ଆବଶ୍ୟକ। ଭାରତୀୟ ସମାଜ ଏକ ସାମାଜିକ - ଅର୍ଥନୈତିକ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଅଛି। ପୁନଶ୍ଚ ଏହାର ଏକ ସମୃଦ୍ଧ ଏବଂ ପୁରାତନ ସାଂସ୍କୃତିକ ପରମ୍ପରା ରହିଛି। ଭାରତ ବିଶ୍ୱସ୍ତରରେ ବଳଶାଳୀ ଦେଶ ହେବାପାଇଁ ଚେଷ୍ଟା ମଧ୍ୟ କରୁଅଛି। ଏହିସବୁ ଚାପ ବିଭିନ୍ନ ସମସ୍ୟା ଏବଂ ବିକାଶର କାରଣ ହୋଇଛି। କେତେକ ଭଲଭାବେ ଜଣାଶୁଣା_ସମସ୍ୟା ଗୁଡ଼ିକ ହେଉଛି: ନିରକ୍ଷରତା, ସାମାଜିକ ଉତ୍ତେଜନା ଏବଂ ଲିଙ୍ଗ ବୈଷମ୍ୟତା। ବିଦ୍ୟାଳୟରୁ ପାଠପଢ଼ା ଅଧାରୁ ଛାଡ଼ିବା, ମନ୍ଦତା ଏବଂ ଅବକ୍ଷୟ ଇତ୍ୟାଦିକୁ, ଶିକ୍ଷାଗତ ସମସ୍ୟା କୁହାଯାଏ। ଏଗୁଡ଼ିକ ମଧ୍ୟ ସାମାଜିକ ସମସ୍ୟା। ଆମ ସମାଜ ସମ୍ମୁଖୀନ ହେଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ବୁଝିବା ନିମନ୍ତେ ଏହି ଅଧ୍ୟାୟ ତୁମକୁ ସାହାଯ୍ୟ କରିବ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ଅଧ୍ୟୟନ କଲାପରେ ତୁମେ ସକ୍ଷମ ହୋଇପାରିବ:

- ଦାରିଦ୍ର୍ୟ, ନିଶାସେବନ ଏବଂ ଯୌତୁକ ପ୍ରଥାପରି ସାମାଜିକ ସମସ୍ୟାଗୁଡ଼ିକର ଗୁରୁତ୍ୱ ପୂର୍ଣ୍ଣ ମନସ୍ତାତ୍ତ୍ୱିକ ଦିଗ ବ୍ୟାଖ୍ୟା କରିବା;
- ଏହି ସବୁ ସମସ୍ୟାର ସମାଧାନ ପନ୍ଥାମାନଙ୍କୁ ଦର୍ଶାଇବା; ଏବଂ
- ପାଠପଢ଼ା ଅଧା ଛାଡି ଚାଲିଆସୁଥିବା ଛାତ୍ରଛାତ୍ରୀ, ମନ୍ଦତା ଏବଂ ଅବକ୍ଷୟର ମାତ୍ରା ଆଲୋଚନା କରିବା।

୧୬.୧ ଦାରିଦ୍ର୍ୟ

ଆମଦେଶରେ ଅନେକ ଲୋକ ଦାରିଦ୍ର୍ୟ ମଧ୍ୟରେ ବାସ କରୁଛନ୍ତି। ଦାରିଦ୍ର୍ୟତା, ସମାନତା, ନ୍ୟାୟ, ମର୍ଯ୍ୟାଦା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ଏବଂ ବ୍ୟକ୍ତିଗତ ସୁରକ୍ଷା ପରି ମୌଳିକ ଅଧିକାରରୁ ବ୍ୟକ୍ତି ଓ ତାର ପରିବାରକୁ ବଞ୍ଚିତ କରୁଛି। ଦାରିଦ୍ର୍ୟ ଅସମାନତାରୁ ସୃଷ୍ଟି ହୁଏ। ଏହା ମୌଳିକ ସାମଗ୍ରୀ ତଥା ଆର୍ଥିକ

ସାମାଜିକ ଏବଂ ଶିକ୍ଷାଗତ ସମସ୍ୟା

ସମ୍ବଳର ଏପରି ଅଭାବନୀୟ ଅବସ୍ଥା ଯେ ପର୍ଯ୍ୟାପ୍ତ ସ୍ତରରେ ଜୀବନଧାରଣ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ଅତଏବ ଆମେ କହିପାରିବା ଯେ, ଦାରିଦ୍ର୍ୟ ଜନସାଧାରଣଙ୍କୁ ଦୁଇଭାଗରେ ବିଭକ୍ତ କରେ, ଯଥା: ଯେଉଁମାନେ ପର୍ଯ୍ୟାପ୍ତ ସ୍ତରରେ ଜୀବନ ଯାପନ କରୁଛନ୍ତି ଏବଂ ଯେଉଁମାନେ ପର୍ଯ୍ୟାପ୍ତ ସ୍ତରରେ ଜୀବନ ଯାପନ କରୁନାହାନ୍ତି।

ଦାରିଦ୍ର୍ୟର ଅନୁଭୂତି ଓ ପ୍ରତ୍ୟକ୍ଷଣ ଜନିତ ଅନୁଭବକୁ ବ୍ୟକ୍ତିନିଷ୍ଠ ଦାରିଦ୍ର୍ୟ ବୋଲି କୁହାଯାଏ। ଅନ୍ୟ ପକ୍ଷରେ ସାଧାରଣ ଭାବରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ସୁବିଧା ଓ ସୁଯୋଗର ଅଭାବ ଜନିତ ପରିସ୍ଥିତିକୁ ବଞ୍ଚିତକରଣ କୁହାଯାଏ। ଏହାର ଅର୍ଥ ହେଉଛି ମୌଳିକ ଆବଶ୍ୟକତାର ଅଭାବ ଯାହା ବ୍ୟକ୍ତି ବଞ୍ଚିବା ପାଇଁ ଆବଶ୍ୟକ। ଅପର୍ଯ୍ୟାପ୍ତ ପାରିବେଶିକ ଅବସ୍ଥା ନୀରସ ଅଭିଜ୍ଞତା ଏବଂ ସାମାଜିକ ଭାବେ ଅବହେଳିତ ବର୍ଗର ଗୁଣାବଳୀ ଆକାରରେ ଏହା ପରିଦୃଷ୍ଟ ହୋଇଥାଏ।

ଚିତ୍ର ୧୬.୧ ସହରର ବସ୍ତି ଅଞ୍ଚଳ

ଦାରିଦ୍ର୍ୟର କାରଣ ଏବଂ ଫଳାଫଳ

ଦାରିଦ୍ର୍ୟକୁ ଏକାଧାରରେ କାରଣ ଏବଂ ଫଳାଫଳ ରୂପେ ବୁଝିବା ଦରକାର। ଏହା ଯେପରି ବିଭିନ୍ନ କାରଣରୁ ଘଟିଥାଏ, ସେହିପରି ଅନେକ ସମସ୍ୟାର ମଧ୍ୟ ଏହା କାରଣ ହୋଇଥାଏ। ବଞ୍ଚିତ କରଣ ଦାରିଦ୍ର୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ବଞ୍ଚିତ କରଣ ବା ସୁଯୋଗର ଅଭାବ ସମ୍ବଳର ସହଜ ଲଭ୍ୟତାକୁ ହ୍ରାସ କରେ। ଏହା ଦୁର୍ବଳ ଆର୍ଥିକ ଅବସ୍ଥା କାରଣ ଯୋଗୁଁ ଘଟେ। ଉଦାହରଣ ସ୍ୱରୂପଲାଭଜନକ ଭାବରେ ନିଯୁକ୍ତି ପାଇବାର ସ୍ୱଳ୍ପ ସୁଯୋଗ ସହିତ ଶିକ୍ଷାର ଓ ନିଯୁକ୍ତିର ଏକ ଦ୍ୱିପାକ୍ଷିକ ସମ୍ପର୍କ ରହିଛି। ଦାରିଦ୍ର୍ୟର ଅନେକ ଫଳାଫଳ ରହିଛି। ସେଗୁଡ଼ିକର ପାରସ୍ପରିକ କ୍ରିୟା ବ୍ୟକ୍ତିବିଶେଷଙ୍କ ଉପରେ ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥାଏ। ଚାଲନ୍ତୁ ଆମେ ଦାରିଦ୍ର୍ୟର କେତେକ ମୁଖ୍ୟ ଫଳାଫଳ ପରୀକ୍ଷା କରିବା।

ଅପପୁଷ୍ଟି ଓ ବିକାଶ: ଅପପୁଷ୍ଟି ଉଭୟ ଶାରୀରିକ ଅଭିବୃଦ୍ଧି ଏବଂ ମନସ୍ତାତ୍ତ୍ୱିକ ବିକାଶ ଉପରେ ପ୍ରଭାବ ପକାଇଥାଏ। ସୁଷମ ଖାଦ୍ୟ ପିଲାକୁ ସକ୍ରିୟ ଓ ଖୁସି ରଖିବାରେ ସାହାଯ୍ୟ କରେ। ଅପପୁଷ୍ଟି ଓ ସାମାଜିକ ଦାରିଦ୍ର୍ୟତା ମାନସିକ ନ୍ୟୁନତା ସୃଷ୍ଟିକରେ। ଗରିବ ପରିବାରର ପିଲାମାନେ ସେମାନଙ୍କ ସୀମିତ ଖାଦ୍ୟ, ବହୁଳ ସଂକ୍ରମଣ, ଦୁର୍ବଳ ସ୍ୱାସ୍ଥ୍ୟ, ଅପର୍ଯ୍ୟାପ୍ତ ଉଦ୍ଦୀପନା ଏବଂ ପିତାମାତାଙ୍କର ଶିକ୍ଷା ଓ ସଚେତନତାର ଅଭାବ ମଧ୍ୟରେ ତାଙ୍କର ଜୀବନ ଆରମ୍ଭ କରନ୍ତି।

ସାମାଜିକୀ କରଣର ଢ଼ାଞ୍ଚା: ଦାରିଦ୍ର୍ୟ ପରିସ୍ଥିତିରେ ସାମାଜିକୀକରଣ ଢ଼ାଞ୍ଚାର ବୈଶିଷ୍ଟ୍ୟ ହେଉଛି ଅପର୍ଯ୍ୟାପ୍ତ ଉଦ୍ଦୀପନା, ଶିକ୍ଷାର ଅଭାବ ବା ସ୍ୱଳ୍ପ ଶିକ୍ଷା, ଆଦର୍ଶ-ଭୂମିକାର ଅଭାବ ଏବଂ ସାଙ୍ଗ ସାଥିମାନଙ୍କଠାରୁ ସାମାଜିକ ଓ ଆବେଗିକ ସହାୟତାର ଅଭାବ। ଏହି ସବୁ କ୍ଷେତ୍ରରେ ଅଭାବର କ୍ଷତିକାରକ ପ୍ରଭାବ ବର୍ଦ୍ଧିଷ୍ଣୁ ଶିଶୁର ଜ୍ଞାନାତ୍ମକ ଏବଂ ଆବେଗାତ୍ମକ ବିକାଶ ଉପରେ ପଡ଼ିଥାଏ।

ଟିପ୍ପଣୀ

ବ୍ୟକ୍ତିତ୍ୱ ବିକାଶ: ବଞ୍ଚିତ ଏବଂ ଅଣ ବଞ୍ଚିତ ସମୂହର ବ୍ୟକ୍ତିତ୍ୱ ଢ଼ାଞ୍ଚାର ଭିନ୍ନତା ରହିଛି ବୋଲି କେତେକ ମତ ପୋଷଣ କରନ୍ତି । ଅଣ ବଞ୍ଚିତ ପିଲାଙ୍କ ତୁଳନାରେ ଅଧିକ ମାତ୍ରାରେ ବଞ୍ଚିତ ହୋଇଥିବା ପିଲାମାନଙ୍କ ପାଖରେ ଅଧିକ ଆଡ଼ପାଗଳାମୀ ଓ ଅନ୍ତର୍ମୁଖୀତା ଏବଂ କମ୍ ବର୍ହିମୁଖୀତା ଦେଖାଯାଏ । ବଞ୍ଚିତ କରଣର ସାମାଜିକ ଅପଯୋଜନ, ଅପରିପକ୍ୱତା ଏବଂ ପ୍ରତ୍ୟାହାର ସହିତ ମଧ୍ୟ ସମ୍ପର୍କ ଥାଏ । ଅଣ ବଞ୍ଚିତ ଅଳ୍ପ ବୟସ୍କ ବ୍ୟକ୍ତି ମାନଙ୍କ ଅପେକ୍ଷା ଏହା ମଧ୍ୟ ବଞ୍ଚିତ ମାନଙ୍କୁ ଅଧିକ ବାହ୍ୟ ଓ ଆକସ୍ମିକ ଅଭିମୁଖୀ କରଣରେ ପ୍ରବୃତ୍ତ କରାଏ ।

କାର୍ଯ୍ୟାବଳୀ-୧

ଦାରିଦ୍ର୍ୟର ଅର୍ଥ ବୁଝିବା

ସାଙ୍ଗସାଥି, ପରିବାର,ପଡ଼ୋଶୀ, ଛାତ୍ରଛାତ୍ରୀ, ଋକିରିଆ, ବେକାର, ବସ୍ତିବାସିନ୍ଦାପରି ବିଭିନ୍ନ ପୃଷ୍ଠଭୂମିର ଲୋକମାନଙ୍କ ସହିତ କଥାବାର୍ତ୍ତା କର । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦାରିଦ୍ର୍ୟର ସଂଜ୍ଞା ପଋର ଏବଂ ଭାରତରେ ଦାରିଦ୍ର୍ୟର ମୁଖ୍ୟ ପାଞ୍ଚଗୋଟି କାରଣକୁ ତାଲିକାଭୁକ୍ତ କରିବାକୁ କୁହ । ତୁମେ ତୁମ ନିଜର ଉତ୍ତର ମିଶାଅ ଏବଂ ତଥ୍ୟକୁ ନେଇ ଏକ ସାରଣୀ ପ୍ରସ୍ତୁତ କର । ତୁମେ ଲୋକମାନଙ୍କ ଦ୍ୱାରା କଥିତ ପ୍ରତ୍ୟେକ କାରଣର ବାରମ୍ବାରତା ନିର୍ଣ୍ଣୟ କରିପାରିବ ।

ଅଭିପ୍ରେରଣାତ୍ମକ ଫଳାଫଳ: ପୁରସ୍କାର ଏବଂ ଦଣ୍ଡବିଧାନର ଅନୁଭୂତି ବ୍ୟକ୍ତିର ଅଭିପ୍ରେରଣାତ୍ମକ ଆଭିମୁଖ୍ୟ ଗଠନ କରିବାରେ ସାହାଯ୍ୟ କରେ । ଦାରିଦ୍ର୍ୟ ଅବସ୍ଥା କୃତି ଓ ସମୃଦ୍ଧି ଆବଶ୍ୟକତାକୁ ହ୍ରାସ କରିଥାଏ ଏବଂ ଉଚ୍ଚ ନିର୍ଭରଶୀଳତା ଆବଶ୍ୟକତାକୁ ବୃଦ୍ଧି କରେ ।

ମାନସିକ ସ୍ୱାସ୍ଥ୍ୟ: ଦୁର୍ବଳ ମାନସିକ ସ୍ୱାସ୍ଥ୍ୟର ଦାରିଦ୍ର୍ୟ ଓ ବଞ୍ଚିତକରଣ ଅନୁଭୂତି ସହିତ ଦୃଢ଼ ସମ୍ପର୍କ ରହିଥିବାର ଯଥେଷ୍ଟ ପ୍ରମାଣ ରହିଛି । ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟାର ପ୍ରକାର ଓ ପରିମାଣ ସ୍ୱାସ୍ଥ୍ୟଗତ ସମସ୍ୟା ପରିସରରୁ ଆରମ୍ଭ ହୋଇଥାଏ । ଯଦି ବ୍ୟକ୍ତିବିଶେଷ ପ୍ରବାସୀ ହୋଇଥାନ୍ତି ଏବଂ ନିମ୍ନ ସାମାଜିକ-ଆର୍ଥିକ ସ୍ତରରୁ ଆସି ଥାଆନ୍ତି ତେବେ ସମଯୋଜନ ଉଚ୍ଚତର ହୋଇଥାଏ । ଯଦିଓ ମାନସିକ ଅସୁସ୍ଥତା ସବୁ ବୟସ, ଲିଙ୍ଗ ଏବଂ ପୃଷ୍ଠଭୂମିର ବ୍ୟକ୍ତିଙ୍କଠାରେ ଘଟେ ତେବେ ଗରିବ ଓ ବାସହୀନ, ବେକାର ଏବଂ ଅଳ୍ପ ଶିକ୍ଷିତ ଲୋକଙ୍କ ପାଖରେ ଏହାର ଆଶଙ୍କା ଅଧିକ ଥାଏ ।

ମନୋବୈଜ୍ଞାନକ ହସ୍ତକ୍ଷେପ: ଦାରିଦ୍ର୍ୟର ବିଭିନ୍ନ କାରଣ ଏବଂ ଫଳାଫଳ ରହିଛି । ଏହା ବ୍ୟକ୍ତିବିଶେଷ ସମୂହ, ଏବଂ ସମାଜକୁ ପ୍ରଭାବିତ କରିଥାଏ । ମନୁଷ୍ୟ ସମ୍ମୁଖୀନ ହେଉଥିବା ଅନୁଭୂତିହିଁ ତାର ବିକାଶକୁ ଆକାର ଦେଇଥାଏ । ଏହି ଧାରଣା ନେଇ ମନୋବୈଜ୍ଞାନିକମାନେ କାର୍ଯ୍ୟ କରିଥାଆନ୍ତି । ତେଣୁ ବ୍ୟକ୍ତିକୁ ସାହାଯ୍ୟ କରିବା ଲକ୍ଷ୍ୟରେ ବଞ୍ଚିତ ବ୍ୟକ୍ତି ବିଶେଷର ଜ୍ଞାନାତ୍ମକ, ଅଭିପ୍ରେରଣାତ୍ମକ ଏବଂ ବ୍ୟବହାରିକ କାର୍ଯ୍ୟ କୌଶଳକୁ ଗଠନ ଓ ବୃଦ୍ଧି କରିବାଲାଗି ତାକୁ ତାଲିମ୍ ଦେବା ଦରକାର । ଏହି ମାର୍ଗ ଦର୍ଶନ ସମାଜରେ ସଫଳଭାବରେ କାର୍ଯ୍ୟ କରିବାର ଦକ୍ଷତାକୁ ବୃଦ୍ଧିକରିବ ।

ମନୋବୈଜ୍ଞାନିକ ହସ୍ତକ୍ଷେପ ବଞ୍ଚିତ ଏବଂ ଅନଗ୍ରସରବ୍ୟକ୍ତି ମାନଙ୍କୁ ସାହାଯ୍ୟ କରେ । ସୁତରାଂ ଆମେ ନିମ୍ନଲିଖିତ ଦିଗଗୁଡ଼ିକୁ ମନେରଖିବା ଦରକାର । ପ୍ରଥମତଃ ନିରନ୍ତର ସାହାଯ୍ୟ ମାନସିକ ସ୍ତରରେ ସର୍ବଦା ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ଓ ବିଶ୍ୱାସ ଭାବନା ସୃଷ୍ଟି କରିପାରେ । ଏପରି ପରିସ୍ଥିତିରେ ବଞ୍ଚିତ ବ୍ୟକ୍ତି ନିଜ କାର୍ଯ୍ୟକଳାପର ଦାୟିତ୍ୱ ବହନ କରିବ ନାହିଁ ଓ ଆତ୍ମନିର୍ଭରଶୀଳ ହୋଇପାରିବ ନାହିଁ । ଦ୍ୱିତୀୟତଃ, ମନୋବୈଜ୍ଞାନିକ ହସ୍ତକ୍ଷେପ ତିନୋଟି ସ୍ତରରେ କାର୍ଯ୍ୟ କରିବା ଆବଶ୍ୟକ: ବ୍ୟକ୍ତି ବିଶେଷ, ଗୋଷ୍ଠୀ ଏବଂ ସାମାଜିକ ସ୍ତର । ଉଦାହରଣ ସ୍ୱରୂପ, ଶିକ୍ଷା ବ୍ୟବସ୍ଥା, ସାମାଜିକ ନୀତି, ଏବଂ ଆର୍ଥିକ ବିନିଯୋଗକ୍ଷେତ୍ରରେ ସମକାଳୀନ ପରିବର୍ତ୍ତନର ସୁଦୂର ପ୍ରସାରୀ ପ୍ରଭାବ ରହିଛି । ଗୋଷ୍ଠୀ ସମ୍ପୃକ୍ତି ପ୍ରତିଶ୍ରୁତି ବଦ୍ଧ କରାଏ ଏବଂ କାର୍ଯ୍ୟକ୍ରମମାନଙ୍କରେ ସଫଳତା ହାସଲ କରିବାର ଅଭିଳାଷ ସୃଷ୍ଟିକରେ ।

ଟିପ୍ପଣୀ

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ-୧୬.୧

୧. ନିମ୍ନଲିଖିତ ବାକ୍ୟଗୁଡ଼ିକ ସମ୍ପୂର୍ଣ୍ଣ କର

କ. ଦାରିଦ୍ର୍ୟର ବ୍ୟାଖ୍ୟା __________ ଏବଂ __________ ଦାରିଦ୍ର୍ୟ ରୂପେ କରାଯାଇଛି ।

ଖ. ବସ୍ତୁଗତ ଦାରିଦ୍ର୍ୟତା __________ ର ଅଭାବ ଅଟେ ।

ଗ. ବ୍ୟକ୍ତିନିଷ୍ଠ ଦାରିଦ୍ର୍ୟତା ମନୁଷ୍ୟ ଅନୁଭବ କରୁଥିବା __________ ଓ __________ କୁ ବୁଝାଏ ।

ଘ. ସାଧାରଣତଃ ଜନସାଧାରଣଙ୍କୁ ଯେଉଁ ସୁବିଧା ଓ ସୁଯୋଗ ଉପଲବ୍ଧ ହେଉଛି ତାହାର ଅଭାବଜନିତ ପରିସ୍ଥିତିକୁ __________କୁହାଯାଏ ।

ଙ. ବଞ୍ଚିତ ବ୍ୟକ୍ତି __________ , __________ ଏବଂ __________ କାର୍ଯ୍ୟ କୌଶଳର ତାଲିମ ନେବା ଦରକାର ।

ଚ. ଦାରିଦ୍ର୍ୟନିମନ୍ତେ ମନୋବୈଜ୍ଞାନିକ ହସ୍ତକ୍ଷେପ __________, __________ ଏବଂ __________ ସ୍ତରରେ କାର୍ଯ୍ୟ କରିବା ଆବଶ୍ୟକ ।

୨. ଦାରିଦ୍ର୍ୟର କାରଣ ଏବଂ ଫଳାଫଳ ବ୍ୟାଖ୍ୟା କର ।

୧୬.୨ ଅନ୍ୟାନ୍ୟ ସାମାଜିକ ସମସ୍ୟା

ନିଶାସେବନ: ମନୁଷ୍ୟ ଉପରେ ନିଶାଦ୍ରବ୍ୟର କୁ ପ୍ରଭାବ ଥିବା ସତ୍ତ୍ୱେ ନିଶା ସେବନ ଏକ ଗୁରୁତ୍ତର ସମସ୍ୟା । ଏଥିରେ ବ୍ୟକ୍ତି ବାଧ୍ୟତାମୂଳକ ଭାବେ ନିଶାଦ୍ରବ୍ୟ ଗ୍ରହଣ କରିବାକୁ ଚାହେଁ ଏବଂ ତା ଉପରେ ନିର୍ଭରଶୀଳ ହୋଇପଡ଼େ । କାହିଁକି କିଛି ଲୋକ ମାଦକଦ୍ରବ୍ୟ ପ୍ରତି ଆସକ୍ତ ହୁଅନ୍ତି ଏହା ବୁଝିବା ପ୍ରାୟ କଷ୍ଟକର । ବ୍ୟକ୍ତିର ଜୈବିକ ଆଧାର, ସାମାଜିକ - ଆର୍ଥିକ ଅବସ୍ଥା, ସାଙ୍ଗ ସାଥିଙ୍କ ଚାପ, ମାନସିକ ଚାପ, ଲାଳନପାଳନ ଶୈଳୀ, ଆଦର୍ଶ ଭୂମିକା ଏବଂ ବୟସ ଇତ୍ୟାଦି କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ସଦୃଶ ଅନିଷ୍ଟ କାରକ ମାନଙ୍କ ସମଷ୍ଟିରୁ ଏହା ସୃଷ୍ଟି ହୁଏ । ବ୍ୟକ୍ତି ଜୀବନର ବିକାଶ ଏବଂ ପରିପକ୍ୱନ ପର୍ଯ୍ୟାୟ ମାନଙ୍କର ଆନୁବଂଶିକ ଏବଂ ପାରିପାର୍ଶ୍ୱିକ ଉତ୍ପାଦକମାନଙ୍କ ସହିତ ପାରସ୍ପରିକ କ୍ରିୟା ସଂଘଟିତ ହୋଇଥାଏ । ଯେତେଶୀଘ୍ର ବ୍ୟକ୍ତି ମାଦକ ଦ୍ରବ୍ୟ ସେବନ ଆରମ୍ଭ କରେ ନିଶା ସେତିକି ସାଂଘାତିକ ହୋଇଥାଏ । ଏହା କିଶୋରବସ୍ଥାରେ ଏହା ଏକ ସାଧାରଣ ସମସ୍ୟା ଓ ଆହ୍ୱାନ । ଏହି ବିଷୟରେ ନୂତନ ଜିନିଷର ପରୀକ୍ଷଣ କରିବାକୁ ସାଙ୍ଗମାନେ ଚାପ ପକାନ୍ତି । ମାଦକଦ୍ରବ୍ୟ ସେବନ ସହ ଅପରାଧ ଏବଂ HIV/AIDS ର ନିବିଡ଼ ସମ୍ପର୍କ ରହିଛି । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ମଧ୍ୟ ଦୃଢଭାବେପ୍ରମାଣିତ ହୋଇଛି । ମାଦକ ଦ୍ରବ୍ୟ ସେବନକୁ ପ୍ରତିହତ କରିବା ପାଇଁ ଚିକିତ୍ସାର ସୁବିଧା ରହିଛି । ତେବେ ମାଦକଦ୍ରବ୍ୟ ସେବନର ପ୍ରତିକାର ବ୍ୟବସ୍ଥା ଏକ ଉତ୍ତମ ମାର୍ଗ । ମାଦକ ଦ୍ରବ୍ୟ ସେବନର ପ୍ରତିକାର ପାଇଁ ପରିବାର, ସ୍କୁଲ, କଲେଜ, ଗୋଷ୍ଠୀ ଏବଂ ଗଣମାଧ୍ୟମକୁ ସମ୍ପୃକ୍ତ କରିବା ଫଳପ୍ରଦ ଉପାୟ । ଜନପ୍ରିୟ ବ୍ୟକ୍ତି ଏବଂ ଯୁବ ପ୍ରତିଭାମାନେ ନିଶା ନିବାରଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରନ୍ତି ।

ଯୌତୁକ: ବାହାଘର ସମୟରେ ପୁଅ ତାର ସ୍ତ୍ରୀ ପରିବାର ଠାରୁ ଯେଉଁ ଟଙ୍କା, ଉପହାର, ସମ୍ପତ୍ତି ଏବଂ ସାମଗ୍ରୀ ଗ୍ରହଣ କରିଥାଏ ତାହାକୁ ଯୌତୁକ କୁହାଯାଏ । ପୂର୍ବେ ବାହାଘର ଖର୍ଚ୍ଚରେ ସାହାଯ୍ୟ କରିବା ପାଇଁ ଯୌତୁକ ଦିଆ ଯାଉଥିଲା । କିନ୍ତୁ ବର୍ତ୍ତମାନ ଏହା ଗୋଟିଏ ସ୍ତ୍ରୀ ଲୋକର ଭାରକୁ ବହନ କରିବା ପାଇଁ ବରର ପରିବାରକୁ ଖର୍ଚ୍ଚ ଦେବାରେ ପରିଣତ ହୋଇଛି । ଏହି କାରଣଯୋଗୁ ପରିବାରରେ ଗୋଟିଏ ଝିଅ ଜନ୍ମକୁ ବ୍ୟୟଭାର ଭାବେ ଗ୍ରହଣ କରାଯାଉଛି, ଏବଂ ଯଦି ପରିବାରଟି ଗରିବ ହୋଇଥାଏ ଏହା ତା ଉପରେ ଅଧିକ

ଟିପ୍ପଣୀ

ଋପ ପକାଇଥାଏ। ଯୌତୁକ ଦେବା ଏବଂ ନେବାର ବହୁତ କାରଣ ରହିଛି। ଗୋଟିଏ ଝିଅକୁ ଭଲ ଏବଂ ସୁଖକର ଜୀବନ ଯୋଗାଇ ଦେବାର ଚିନ୍ତାଯୋଗୁଁ ବାପାମାଆ ତାଙ୍କର ସାମର୍ଥ୍ୟର ଉର୍ଦ୍ଧ୍ୱକୁ ଯାଇ ବହୁଳ ପରିମାଣରେ ଯୌତୁକ ଦେବାପାଇଁ ବାଧ୍ୟ ହୁଅନ୍ତି। ଯୌତୁକ ଦେବାପାଇଁ ଅଧିକ ସୁଧରେ କରଜ କରିବା ଦ୍ୱାରା ପରିବାର ଚିର ଦିନଲାଗି ଋଣଗ୍ରସ୍ତ ହୋଇପଡୁଛି। ଯୌତୁକ ଏକ ସାମାଜିକ ପ୍ରଥା, ଯାହାକି ପୀଢ଼ି ପୀଢ଼ି ଧରି ଚାଲିଆସିଛି। ଏହି ପ୍ରଥାକୁ ପରିବର୍ତ୍ତନ କରିବା ବହୁତ କଷ୍ଟ। ଏହି ପ୍ରଥା ଯୁବତୀ ମାନଙ୍କୁ ବିପଦରେ ପକାଏ। ଯେଉଁ ମହିଳା କମ୍ ଯୌତୁକ ଆଣେ ତାକୁ ତାର ସ୍ୱାମୀ ପରିବାରର ଦୟାରେ ବଞ୍ଚିବାକୁ ପଡ଼େ, ନଚେତ ସେମାନେ ତାକୁ ଖରାପ ବ୍ୟବହାର ଦେଖାଇପାରନ୍ତି, କଷ୍ଟ ଯନ୍ତ୍ରଣା ଏବଂ ନିର୍ଯ୍ୟାତନା ଦେଇ ଦେଇପାରନ୍ତି। ଏହା ଦୁଃଖର ସହିତ କହିବାକୁ ପଡୁଛି ଯେ ୧୯୬୧ ଯୌତୁକ ନିରାକରଣ ଆଇନ ଥାଇ ମଧ୍ୟ ଯୌତୁକ ଜନିତ ମୃତ୍ୟୁ ବୃଦ୍ଧିପାଇ ଚାଲିଛି। ଏହା ସୂଚିତ କରେ ଯେ, ସାଧାରଣ ନିୟମ ଏହି ସାମାଜିକ ବ୍ୟାଧିକୁ ନିରାକରଣ କରିବାରେ ସାହାଯ୍ୟ କରିପାରିବ ନାହିଁ। ଏହି ବ୍ୟାଧିକୁ ନିରାକରଣ କରିବାପାଇଁ ସଫଳ କାର୍ଯ୍ୟକାରିତା, ସକ୍ରିୟ ସଂପୃକ୍ତି ଏବଂ ସମାଜର ସହଯୋଗ ନିହାତି ଆବଶ୍ୟକ। ପୁଅ ଏବଂ ଝିଅମାନେ ଶିକ୍ଷିତ ହେବା ଉଚିତ୍, ପରସ୍ପରକୁ ସମ୍ମାନ ଦେବା ନିମନ୍ତେ ଶିକ୍ଷାକରିବା ଉଚିତ ଏବଂ ଯୌତୁକକୁ ଅଗ୍ରାହ୍ୟ କରିବା ଇତ୍ୟାଦି ଏହି ସାମାଜିକ ବ୍ୟାଧିକୁ ନିରାକରଣ କରିବାର କେତୋଟି ଉପାୟ।

୧୬.୩ ପାଠପଢ଼ା ଅଧାରୁ ଛାଡ଼ିବା, ମନ୍ଦତା ଏବଂ ଅବକ୍ଷୟ

ଶିକ୍ଷାଗତ ଅଧିକାର ଏକ ମୌଳିକ ଅଧିକାର। ତଥାପି ଆମେ ଦେଖୁଛେ ପିଲାମାାନ ସ୍କୁଲରେ ନାମ ଲେଖାଇସାରି ପାଠ ପଢ଼ା ଅଧାରୁ ଛାଡ଼ି ଆସନ୍ତି। ବିଦ୍ୟାଳୟରେ ନାମ ଲେଖିସାରି ଅଧାରୁ ପାଠପଢ଼ା ଛାଡ଼ି ଦେଉଥିବା ପିଲାଙ୍କ ଅନୁପାତକୁ ଅଧାରୁ ପାଠପଢ଼ା ଛାଡ଼ିବା ହାର ବୋଲି କୁହାଯାଏ। ଶତକଡ଼ା ୩୦ ଭାଗ ପିଲା ୫ମ ଶ୍ରେଣୀ ଏବଂ ଶତକଡ଼ା ୫୦ ଭାଗ ପିଲା ୮ମ ଶ୍ରେଣୀ ସଂପୂର୍ଣ୍ଣକରିବା ପୂର୍ବରୁ ସ୍କୁଲ ଛାଡ଼ି ଚାଲିଆସୁଛନ୍ତି।

ଶିକ୍ଷା କ୍ଷେତ୍ରରେ ଆଉ ଦୁଇଟି ଅତିରିକ୍ତ ପ୍ରତ୍ୟୟ ହେଲା ମନ୍ଦତା ଏବଂ ଅବକ୍ଷୟ। ବ୍ୟକ୍ତିର ବିକାଶ ଏବଂ ତାର ସମାଜର ପ୍ରତି ଫଳପ୍ରଦ ଅବଦାନ ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଯେତେବେଳେ ଗ୍ରହଣ କରାଯାଇଥିବା ଶିକ୍ଷା ବ୍ୟକ୍ତିକୁ କମ୍ ଏବଂ ଆଦୌ ସାହାଯ୍ୟ କରେ ନାହିଁ ତେବେ ଏହାକୁ ଶିକ୍ଷାର ଅବକ୍ଷୟ ବୋଲି କୁହାଯାଏ। ବଢୁଥିବା ପିଲା ଶିକ୍ଷାରୁ ଯାହାକିଛି ହାସଲ କରନ୍ତି ସେହି ଜ୍ଞାନକୁ ବ୍ୟବହାର କରିବା ତା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ, ଏହାର ଅନୁପସ୍ଥିତିରେ ସମ୍ବଳର ଅବକ୍ଷୟ ହୋଇଥାଏ। ଏଥିସଂଗେ ପରିସ୍ଥିତିର ଋହିଦା ଓ ଆବଶ୍ୟକତା ମୁତାବକ ଶିକ୍ଷା ବ୍ୟବସ୍ଥାର ତାଳମେଳ ରଖିବା ସହିତ ପାଠ୍ୟକ୍ରମରେ ଓ ବିଭିନ୍ନ ଶିକ୍ଷାଗତ କ୍ଷେତ୍ରର ଜ୍ଞାନତ୍ମକ ବିଷୟବସ୍ତୁରେ ପରିବର୍ତ୍ତନ ମଧ୍ୟ ଆଣିବା ଦରକାର। ଏହା ଯଦି ହୋଇ ନ ପାରେ ତେବେ ଶିକ୍ଷାଗତ ମନ୍ଦତା ଘଟିଥାଏ। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନେ ପ୍ରଥମେ ଯୋଗ ଦିଅନ୍ତି ଏବଂ ଅଳ୍ପ କିଛି ବର୍ଷପରେ ସ୍କୁଲ ଛାଡ଼ି ଦିଅନ୍ତି। ଫଳରେ ପିଲାକୁ ଶିକ୍ଷିତ କରିବା ପାଇଁ ବିନିଯୋଗ ହୋଇ ଥିବା ସମ୍ବଳର ଅବକ୍ଷୟ ହୋଇଥାଏ। ଏଣୁ ପିଲାକୁ ସ୍କୁଲକୁ ଫେରାଇଆଣି ତାର ଶିକ୍ଷା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତାକୁ ରଖିବା ଆବଶ୍ୟକ ହୋଇପଡ଼ିଛି। ସନ୍ତୋଷ ଜନକ ଅଗ୍ରଗତି ର ଅଭାବ ଯୋଗୁଁ ପ୍ରାୟତଃ ପିଲାମାନେ ସେହି ଗୋଟିଏ ଶ୍ରେଣୀରେ ରହିଯାନ୍ତି। ଏହା ପୁନର୍ବାର ପିଲାକୁ ବିଦ୍ୟାଳୟରେ ପାଠପଢ଼ା ଜାରି ରଖିବା ନିମନ୍ତେ ନିରୁତ୍ସାହ କରିଥାଏ।

ପାଠପଢ଼ା ଅଧାରୁ ଛାଡ଼ିବା, ମନ୍ଦତା ଏବଂ ଅବକ୍ଷୟର ବିଭିନ୍ନ କାରଣ ରହିଛି। ଏହି କାରଣଗୁଡ଼ିକୁ ତିନୋଟି ଭାଗରେ ବିଭକ୍ତ କରାଯାଏ। ସାମାଜିକ-ଅର୍ଥନୈତିକ, ମନସ୍ତାତ୍ତ୍ୱିକ, ଏବଂ ଶିକ୍ଷାଗତ। ନିକଟବର୍ତ୍ତୀ ଅଞ୍ଚଳରେ ବିଦ୍ୟାଳୟର ଅଭାବ, ପିତାମାତାଙ୍କର ଶିକ୍ଷା ସମ୍ବନ୍ଧୀୟ ଆବଶ୍ୟକୀୟ ସଚେତନତାର ଅଭାବ, ଦାରିଦ୍ର୍ୟ, ଶିକ୍ଷାପ୍ରତି ଆଗ୍ରହର ଅଭାବ, ଶୈକ୍ଷିକ ପରିବେଶର ଅଭାବ, ପରୀକ୍ଷାରେ ବିଫଳତା ଏବଂ ଆର୍ଥିକ କାରଣରୁ ପିଲାମାନଙ୍କୁ କାମ କରିବାର ଆବଶ୍ୟକତା ଇତ୍ୟାଦି ବିଦ୍ୟାଳୟ ଛାଡ଼ିବାର ପ୍ରମୁଖ କାରଣ ମାନ।

ସାମାଜିକ ଏବଂ ଶିକ୍ଷାଗତ ସମସ୍ୟା

ଏହା ସହିତ ଶିକ୍ଷାପ୍ରଣାଳୀର ନିୟମ ଓ ପ୍ରଣାଳୀରେ ଦୁର୍ବଳ ବ୍ୟବସ୍ଥାଗତ ସହାୟତା, ଛାତ୍ରଛାତ୍ରୀ ମାନଙ୍କର ଆବଶ୍ୟକତା ବିରୋଧୀ ପାଠ୍ୟକ୍ରମ, ନିମ୍ନମାନର ଶିକ୍ଷା ଏବଂ ନିମ୍ନମାନର ଉପକରଣ ଇତ୍ୟାଦି ମଧ୍ୟ ବିଦ୍ୟାଳୟ ଛାଡ଼ିବାରେ ଅଧିକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ସ୍କୁଲ ଛାଡ଼ିବାର ହାରକୁ କମାଇବା ପାଇଁ ଜାତୀୟ ଶିକ୍ଷା ମିଶନ୍, ସର୍ବଶିକ୍ଷା ଅଭିଯାନ, ଏବଂ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହେଉଛି ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ କିଛି ପ୍ରୟାସ। ଶିକ୍ଷିତଙ୍କ ହାରରେ କେରଳ ଦେଶର ସର୍ବୋଚ୍ଚ ସ୍ଥାନରେ ରହିଛି, ଏବଂ ଅନ୍ୟ ରାଜ୍ୟମାନେ ମଧ୍ୟ ବିଦ୍ୟାଳୟ ଛାଡ଼ିବାର ହାରକୁ କମାଇବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି।

ଉପରୋକ୍ତ ସାମାଜିକ ସମସ୍ୟା ଗୁଡ଼ିକ ଜୀବନର ବିଭିନ୍ନ କ୍ଷେତ୍ର ସହିତ ଜଡ଼ିତ। ତୁମେ ଲକ୍ଷ୍ୟ କରିପାରୁଥିବ ଯେ ଏହି ସମସ୍ୟାଗୁଡ଼ିକ ପରସ୍ପର ସହିତ ଘନିଷ୍ଠ ଭାବେ ଜଡ଼ିତ ଏବଂ ପରସରକୁ ସତରେ ମଧ୍ୟ ପ୍ରଭାବିତ କରନ୍ତି। ଅତଏବ, ଏହି ସମସ୍ୟାଗୁଡ଼ିକର ସମାଧାନ ସହଜ ନୁହେଁ। ଏଗୁଡ଼ିକର ସମାଧାନ ପାଇଁ ବିଭିନ୍ନ କ୍ଷେତ୍ରରୁ ନିବେଶର ଆବଶ୍ୟକତା ରହିଛି। ମଣିଷର ବ୍ୟବହାର ଅନୁଧ୍ୟାନ କରିବାରେ ମନୋବୈଜ୍ଞାନିକର ଭୂମିକାକୁ ଉପେକ୍ଷା କରିହେବନାହିଁ। ବ୍ୟବହାରଶୈଳୀ, ମନୋବୃତ୍ତି ଏବଂ ମନୋଭାବର ପରିବର୍ତ୍ତନ ଅଧିକ ଗୁରୁତ୍ୱପୂର୍ଣ୍ଣ। ମନୋବୈଜ୍ଞାନିକମାନଙ୍କ ସମେତ ଅନ୍ୟସମାଜ ବିଜ୍ଞାନୀମାନେ ମିଶି ଏହି ପରିବର୍ତ୍ତନ ଆଣିବା ନିମନ୍ତେ ବିଭିନ୍ନ ଉପାୟମାନ ସମ୍ବନ୍ଧରେ ପରାମର୍ଶ ଦେଇ ପାରିବେ।

ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧୬.୨ ଏବଂ ୧୬.୩

ଶୂନ୍ୟସ୍ଥାନ ପୂରଣ କର:

୧. ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଲିଙ୍ଗ ଅନୁପାତ __________ ପ୍ରତି ପ୍ରତିକୂଳ ହୋଇଥାଏ।

୨. ଦୁଇଜଣ ମହିଳା ନେତ୍ରୀ ଯେଉଁମାନେ ଜାତୀୟ ସ୍ତରରେ ନେତ୍ରୀ ରୂପେ ବିବେଚିତ ହୋଇଥିଲେ ସେମାନେ ହେଉଛନ୍ତି __________ ଏବଂ __________।

୩. ନିଶା ସେବନ ଏକ ଗୁରୁତର ସମସ୍ୟା ଯେଉଁଥିରେ ବ୍ୟକ୍ତି __________ ଏବଂ __________ରେ ସଂପୃକ୍ତ ହୋଇଯାଏ।

୪. __________ କହିଲେ ବିଦ୍ୟାଳୟରେ ନାମଲେଖିବା ପରେ ପିଲା ଅଧାରୁ ପାଠପଢ଼ା ଛାଡ଼ି ଚାଲିଯାଉଥିବା ପିଲାଙ୍କର ଅନୁପାତକୁ ବୁଝାଏ।

୫. ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀ ମାନେ ଯୋଗଦିଅନ୍ତି ଏବଂ କିଛି ବର୍ଷ ପରେସ୍କୁଲ ଛାଡ଼ି ଦିଅନ୍ତି, ଫଳରେ ଏହା ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷିତ କରିବା ପାଇଁ ବିନିଯୋଗ ହୋଇଥିବା ସମ୍ବଳର __________କରାଏ।

ତୁମେ କଣ ଶିକ୍ଷା କରିଛ

- ଦାରିଦ୍ର୍ୟ ହେଉଛି ଅସମାନତାର ଫଳାଫଳ।
- ଦାରିଦ୍ର୍ୟ ବସ୍ତୁଗତ କିମ୍ବା ବ୍ୟକ୍ତିନିଷ୍ଠ ହୋଇପାରେ।
- ସାଧାରଣ ଜନତାଙ୍କ ନିମନ୍ତେ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗର ଅଭାବଜନିତ ଅବସ୍ଥାକୁ ବଞ୍ଚିତ କରଣ କୁହାଯାଏ।
- ପୁଷ୍ଟିହୀନ ଖାଦ୍ୟ, ସାମାଜିକୀ କରଣର ଢ଼ାଞ୍ଚା, ବ୍ୟକ୍ତିତ୍ୱ ବିକାଶ, ଅଭିପ୍ରେରଣାତ୍ମକ ପରିଣତି ଏବଂ ମାନସିକ ସ୍ୱାସ୍ଥ୍ୟ ହେଉଛି ଦାରିଦ୍ର୍ୟର କାରଣ ଏବଂ ଫଳାଫଳ।

- ବ୍ୟକ୍ତିକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ବଞ୍ଚିତ ବ୍ୟକ୍ତିବିଶେଷର ଜ୍ଞାନାତ୍ମକ, ବ୍ୟବହାରାତ୍ମକ ଏବଂ ଅଭିପ୍ରେରଣାତ୍ମକ କାର୍ଯ୍ୟ କୌଶଳକୁ ଗଠନ ଓ ବୃଦ୍ଧିକରିବା ଲାଗି ତାକୁ ତାଲିମ୍ ଦେବା ମନୋବୈଜ୍ଞାନିକ ହସ୍ତକ୍ଷେପର ଲକ୍ଷ୍ୟ।
- ଅନ୍ୟ କେତେକ ସାମାଜିକ ସମସ୍ୟା ହେଲା ନିଶା ସେବନ ଏବଂ ଯୌତୁକ ପ୍ରତି ଆସକ୍ତି।
- ଶିକ୍ଷାକ୍ଷେତ୍ରରେ ଅଧାରୁ ପାଠପଢ଼ା ଛାଡ଼ି ଚାଲି ଯାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ। ଏହା ସହିତ ମନ୍ଦତା ଓ ଅବକ୍ଷୟ ପରି ପ୍ରସଙ୍ଗମାନଙ୍କର ସଂପର୍କ ରହିଛି।
- ଅଧାରୁ ପାଠପଢ଼ା ଛାଡ଼ି ଦେବା ସମସ୍ୟା, ଅବକ୍ଷୟ ଏବଂ ମନ୍ଦତାର ବିଭିନ୍ନକାରଣ ରହିଛି: ସାମାଜିକ-ଆର୍ଥିକ, ମନସ୍ତାତ୍ତ୍ୱିକ ଏବଂ ଶିକ୍ଷାଗତ।

ଅନ୍ତିମ ପ୍ରଶ୍ନାବଳୀ

୧. ଦାରିଦ୍ର୍ୟର ସଂଜ୍ଞାନିରୁପଣ କର। ଏହାର କାରଣ ଓ ଫଳାଫଳ ବ୍ୟାଖ୍ୟା କର।

୨. ସଂକ୍ଷିପ୍ତ ଟିପ୍ପଣି ଲେଖ:

କ) ନିଶା ସେବନ।

ଖ) ଯୌତୁକ।

୩. ଶିକ୍ଷାକ୍ଷେତ୍ର ରେ ମନ୍ଦତା ଓ ଅବକ୍ଷୟର ବ୍ୟାଖ୍ୟା କର। ଅଧାରୁ ପାଠ ଛାଡ଼ି ଚାଲିଯାଉଥିବା ସମସ୍ୟାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଉଛି ?

ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର

୧୬.୧

୧.

କ. ବସ୍ତୁଗତ, ବ୍ୟକ୍ତିନିଷ୍ଠ।

ଖ. ମୌଳିକ ସାମଗ୍ରୀ

ଗ. ପ୍ରତ୍ୟକ୍ଷଣ, ଅନୁଭୂତି।

ଘ. ବଞ୍ଚିତ କରଣ।

ଙ. ଜ୍ଞାନାତ୍ମକ, ଅଭିପ୍ରେରଣାତ୍ମକ ଏବଂ ବ୍ୟବହାରାତ୍ମକ।

ଚ. ବ୍ୟକ୍ତି, ଗୋଷ୍ଠୀ ଏବଂ ସାମାଜିକ।

୨. ବଞ୍ଚିତ କରଣ, ଅପପୁଷ୍ଟି, ସାମାଜିକୀ କରଣରଢ଼ାଞ୍ଚା, ବ୍ୟକ୍ତିତ୍ୱ, ଅଭିପ୍ରେରଣ ଏବଂ ମାନସିକ ସ୍ୱାସ୍ଥ୍ୟ।

ସାମାଜିକ ଏବଂ ଶିକ୍ଷାଗତ ସମସ୍ୟା

୧୬.୨ ଏବଂ ୧୬.୩

୧. ମହିଳା ।

୨. ସରୋଜିନି ନାଇଡୁ , ଇନ୍ଦିରାଗାନ୍ଧୀ ।

୩. ବାଧତାମୂଳକ ନିଶାଦ୍ରବ୍ୟ ସେବନ, ନିର୍ଭରଶୀଳତା ।

୪. ଅଧାରୁ ପାଠପଢ଼ା ଛାଡ଼ି ଚାଲିଯାଉଥିବା ଛାତ୍ରଛାତ୍ରୀ ।

୫. ଅବକ୍ଷୟ ।

ଅନ୍ତିମ ପ୍ରଶ୍ନାବଳୀ ପାଇଁ ସୂଚନା

୧. ୧୬.୧ ଭାଗ ଦେଖ ।

୨. ୧୬.୨ ଭାଗ ଦେଖ ।

୩. ୧୬.୩ ଭାଗ ଦେଖ ।